

ଯଦି କାହାକୁ ସୁଖ ଦେଇ ନ ପାରୁଛ ଭଲ କଥା, ତେବେ କାହାକୁ ଦୁଃଖ ଦିଅ ନାହିଁ।
- ମହାତ୍ମାଗାନ୍ଧୀ

## ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ଭୁବନେଶ୍ୱର ଅଟୋ ମହାସଂଘ ପକ୍ଷରୁ ଏକ ସଭା, ପ୍ରଦର୍ଶନ ପଡ଼ିଆ ସମ୍ମୁଖ, ୟୁନିଟ-୩, ସକାଳ ୮ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଶ୍ୱ ଐତିହ୍ୟ ଦିବସ, ସଂସ୍କୃତି ଭବନ ସମ୍ମିଳନୀ କକ୍ଷ, ଭଞ୍ଜକଳା ମଣ୍ଡପ ପଛ, ଅପରାହ୍ନ ୪ଟା।
- ଲୋକଶକ୍ତି ଅଭିଯାନ ପକ୍ଷରୁ ନିର୍ବାଚନ ପରିପ୍ରେକ୍ଷୀରେ ଜନସମ୍ପର୍କ ଚର୍ଚ୍ଚା ଓ ଜନସଭା, ଲୋହିଆ ଏକାଡେମୀ, ଅପରାହ୍ନ ୫ଟା।
- ନବରଙ୍ଗର ବାର୍ଷିକ ସଙ୍ଗୀତ ସମାରୋହ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୪୫।
- ଥିଏଟର ଗ୍ରୁପ ମୁକ୍ତି ପକ୍ଷରୁ ମଧୁସୂଦନ ନନ୍ଦ ବୟସ ୭୮ ପ୍ରଦର୍ଶନ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା ୩୦।

### କଟକ
- ଭାଜପାର ବିଜୟ ସଙ୍କଳ୍ପ ଶୋଭାଯାତ୍ରା, ମହାନଦୀ ବିହାର, ଅପରାହ୍ନ ୫ଟା।
- ନୂଆ ସଡ଼କ ରୋଡ, ମାରୱାଡି ପଟି, ସନ୍ଧ୍ୟା ୬ଟା ୧୦।

### ପୁରୀ
- ଶ୍ରୀରାମ ଚରିତ ମାନସ ପାରାୟଣ, ରୁଆ, ଚନ୍ଦନପୁର, ସକାଳ ୮ଟା।
- ବ୍ରାହ୍ମଣ ବୋଡିଂ ଛକ ଗଣେଶ ପୂଜା କମିଟି ପକ୍ଷରୁ ଜଳଛତ୍ର ଶୁଭାରମ୍ଭ, ବୋର୍ଡିଂ ଛକ, ସକାଳ ୧୦ଟା।
- ମାନବ ସେବା କେନ୍ଦ୍ର ପକ୍ଷରୁ ଜଳଛତ୍ର ଶୁଭାରମ୍ଭ, ବଡଶଙ୍ଖ ବଜାର, ସକାଳ ୧୦ଟା ୩୦।
- ଅନୁଷ୍ଠାନ ଶାନ୍ତି ପକ୍ଷରୁ ଶୀତଳ ବାଣ୍ଟ ସେବା ଶିବିର ଉଦ୍‌ଘାଟନୀ ଦିବସ, ପୌର ସଦନ ଛକ, ମଧାହ୍ନ ୧୨ଟା।।

### ସାକ୍ଷୀଗୋପାଳ
- ଦାରୁକ୍ଷେତ୍ର ଶ୍ରୀଜଗନ୍ନାଥଙ୍କ ଚତୁର୍ଥ ବାର୍ଷିକ ସ୍ୱନକ୍ଷତ୍ର ଉତ୍ସବ ଯଜ୍ଞ ଆହୁତି, ରାୟଚକ୍ରଧରପୁର, ପୂର୍ବାହ୍ନ ୧୦ଟା।
- ସାକ୍ଷୀଗୋପାଳ ଠାକୁରଙ୍କୁ ଦୟଣାଲାଗି, ମନ୍ଦିର ପରିସର, ଅପରାହ୍ନ ୩ଟା।

### ଖୋର୍ଦ୍ଧା
- ଊନବିଂଶତମ ବାର୍ଷିକ ଶ୍ରୀରାମଚରିତ ମାନସ, ନବାହ୍ନ ପାରାୟଣ, ପ୍ରବଚନ ଓ ମହାଯଜ୍ଞର ଷଷ୍ଠ ଦିବସ, ଶ୍ରୀ ଶ୍ରୀ ସଙ୍କଟମୋଚନ ମହାବୀର ଦେବଙ୍କ ବିଜେସ୍ଥଳୀ ଜରିପୁଟ୍ ତନ୍ତ ମୁଣ୍ଡିଆ, ଭଜନ ସନ୍ଧ୍ୟା, ଅପରାହ୍ନ ୨ଟା। ପ୍ରବଚନ, ରାତ୍ର ୮ଟା।
- ପଞ୍ଚବିଂଶତମ ସାମ୍ବତ୍ସରିକ ଉତ୍ସବ ଓ ଶ୍ରୀରାମଚରିତ ମାନସ, ନବାହ୍ନ ପାରାୟଣ, ପ୍ରବଚନ ଓ ସାନ୍ଧ୍ୟ ପ୍ରବଚନର ଜ୍ଞାନଯଜ୍ଞର ୫ମ ଦିବସ ପ୍ରବଚନ, ଶ୍ରୀରାମ ନଗର, ସନ୍ଧ୍ୟା ୭ଟା ୩୦ ।

### ବାଲିଅନ୍ତା
- ଷଷ୍ଠବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞର ସୂର୍ଯ୍ୟପୂଜା, ପାଟୋଳୀଶ୍ୱରୀ ପୀଠ, ବାଲିକାଣ୍ଟିଆ, ସକାଳ ୮ଟା।
- ଶ୍ରୀ ସାଇ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ଅନନ୍ତପୁର, ସନ୍ଧ୍ୟା ୬ଟା ୩୦।
- ବାଦୀପାଲା ପରିବେଷଣ, ଦେଓ୍ୱାନାପାଟଣା, ଗାଦି ଗୋସ୍ୱାଇଁ ପୀଠ, ରାତି ୭ଟା।
- ୪୦ତମ ବାର୍ଷିକ ରାମଲୀଳା ଉପଲକ୍ଷେ ଗୀତିନାଟ୍ୟ ପରିବେଷଣ, ରାମଲୀଳା ପଡ଼ିଆ, ବେଣ୍ଣୁପୁର, ରାତି ୧୨ଟା।
- ରାମଲୀଳାର ନାଟକ 'ସୁପନେଖାର ନାକ ଛେଦନ, କାକରୁଦ୍ରପୁର, ପତିତପାବନ ମନ୍ଦିର ନିକଟ, ରାତି ୧୨ଟା।

## ଦେବୀପ୍ରସନ୍ନ ପଟ୍ଟନାୟକ ପାଇବେ 'ଜାନକୀବଲ୍ଲଭ ସ୍ମୃତି ସମ୍ମାନ'

**ଭୁବନେଶ୍ୱର,୧୭।୪(ବ୍ୟୁରୋ):** ରାଜ୍ୟସ୍ତରୀୟ ଜାନକୀବଲ୍ଲଭ ପଟ୍ଟନାୟକ ସ୍ମୃତି କମିଟି ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ 'ଜାନକୀବଲ୍ଲଭ ସ୍ମୃତି ସମ୍ମାନ-୨୦୧୯' ପ୍ରଦାନ କରାଯିବ। ଭାଷା ସାହିତ୍ୟ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକ, ସାମାଜିକ କର୍ମ ନିମନ୍ତେ ପୂର୍ବତନ ବିଧାୟକ ପଦ୍ମଚରଣ ନାୟକ ଓ ସାମ୍ବାଦିକତା କ୍ଷେତ୍ରରେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କୁ 'ଜାନକୀବଲ୍ଲଭ ସ୍ମୃତି ସମ୍ମାନ' ପ୍ରଦାନ କରାଯିବ। ବସନ୍ତ ଦାସଙ୍କ ଅଧକ୍ଷତାରେ ଗଠିତ ଚୟନ କମିଟି ଏ ନେଇ ନିଷ୍ପତ୍ତି ନେଇଥିବା ସ୍ମୃତି କମିଟି ସାଧାରଣ ସମ୍ପାଦକ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ସୂଚନା ଦେଇଛନ୍ତି। ଚୟନ କମିଟିରେ ପୂର୍ବତନ ନଗରପାଳ ଡାକ୍ତର ଜଗନ୍ନାଥ ମହାପାତ୍ର, ପୂର୍ବତନ ପ୍ରଶାସକ ନରେନ୍ଦ୍ର କୁମାର ମିଶ୍ର ଓ ପୂର୍ବତନ କର୍ପୋରେଟର ପ୍ରତାପ ଜେନା ସଦସ୍ୟ ଥିଲେ। ଏହି ରାଜ୍ୟସ୍ତରୀୟ ସ୍ମୃତି ସମ୍ମାନ ଆସନ୍ତା ୨୧ ତାରିଖ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୪ର୍ଥ ଶ୍ରାଦ୍ଧ ଦିବସ କାର୍ଯ୍ୟକ୍ରମରେ ପ୍ରଦାନ କରାଯିବ।




ରବୀନ୍ଦ୍ର ମଣ୍ଡପଠାରେ ଚିନ୍ତା ଓ ଚେତନା ପକ୍ଷରୁ ଚାଲିଥିବା ୪୦ତମ ରାଷ୍ଟ୍ରୀୟ ବୈଶାଖୀ ମହୋତ୍ସବର ବୁଧବାର ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ଓ ଅନ୍ୟମାନେ।

### ସରିଲା ଚିନ୍ତା ଓ ଚେତନାର ୪୦ତମ ବୈଶାଖୀ ମହୋତ୍ସବ

# ଶେଷଦିନରେ ଯାଦୁ କଲା ମନଛୁଆଁ ସଙ୍ଗୀତ

**ଭୁବନେଶ୍ୱର,୧୭।୪(ବ୍ୟୁରୋ)**

ଚିନ୍ତା ଓ ଚେତନା ପକ୍ଷରୁ ଗତ ୩ଦିନ ବ୍ୟାପୀ ରବୀନ୍ଦ୍ର ମଣ୍ଡପଠାରେ ଚାଲିଥିବା ୪୦ତମ ରାଷ୍ଟ୍ରୀୟ ବୈଶାଖୀ ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ଭାବେ ସଙ୍ଗୀତଜ୍ଞ ତଥା କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକ, ଚିନ୍ତା ଓ ଚେତନାର ରାଷ୍ଟ୍ରୀୟ ସଂଯୋଜକ ଶ୍ରୀକାନ୍ତ ମିଶ୍ର, ମହାସଚିବ ସୁରେନ୍ଦ୍ର ଦାସ, ସହଦେବ ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଆରମ୍ଭ କରିଥିଲେ। ଏହି ଅବସରରେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ପୁଣ୍ୟତିଥି ଉପଲକ୍ଷେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ସନ୍ଧ୍ୟା ଆଳତି ଅର୍ପଣ କରାଯାଇଥିଲା। ଚିନ୍ତା ଓ ଚେତନାକୁ ଓଡ଼ିଆ କଳା, ସଂସ୍କୃତିର ଗନ୍ତାଘରରେ ପରିଣତ କରିବାରେ ବିଜୁବାବୁଙ୍କର ପ୍ରମୁଖ ଭୂମିକା ରହିଥିବା ସୁରେନ୍ଦ୍ର ଦାସ କହିଥିଲେ।

ଉଦ୍‌ଯାପନୀ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା କଣ୍ଠସଙ୍ଗୀତ। ଲକ୍ଷ୍ମୀକାନ୍ତ ପାଳିତ, ଅର୍ଜୁନ ସାମଲଙ୍କ ଭଳି ଖ୍ୟାତନାମା କଣ୍ଠଶିଳ୍ପୀଙ୍କ କଣ୍ଠରୁ ନିସୃତ ପ୍ରତିଟି ସଙ୍ଗୀତ ଶ୍ରୋତାଙ୍କ ହୃଦୟକୁ ଛୁଇଁଥିଲା। କଣ୍ଠଶିଳ୍ପୀ ଅର୍ଜୁନ ଲୋକପ୍ରିୟ ଓଡ଼ିଆ ଚଳଚ୍ଚିତ୍ର 'ସୁନା ସଂସାର'ର 'ମୁଁ ହଜିଛି' ଗୀତ ସହ ସ୍ୱର୍ଗତ ବାସୁଦେବ ରଥଙ୍କ ନିର୍ଦ୍ଦେଶିତ 'ଏମିତି ରାତି ସେ ତ ଅଭୁଲା ସ୍ମୃତି' ଗୀତ ଗାଇଥିଲେ, ଯାହାକି ପ୍ରେକ୍ଷାଳୟରେ ଉପସ୍ଥିତ ଶ୍ରୋତାଙ୍କ ଷ୍ଟାଣ୍ଡିଂ ଓଭେସନ୍ ସାଉଁଟିଥିଲା। ଏହାପରେ କଣ୍ଠଶିଳ୍ପୀ ସାଗରିକା ଆଧୁନିକ ଓଡ଼ିଆ ସୁଗମ ସଙ୍ଗୀତ 'ଶ୍ରାବଣରେ ଶ୍ରାବଣ' ଗୀତ ଗାଇ କାର୍ଯ୍ୟକ୍ରମକୁ ପ୍ରେମ ରଙ୍ଗରେ ଭରିଦେଇଥିଲେ। ପରେ ପରେ କଣ୍ଠଶିଳ୍ପୀ ଲକ୍ଷ୍ମୀକାନ୍ତ ପାଳିତଙ୍କ କଣ୍ଠରୁ ଭଜନ 'ଶ୍ରୀହରି ଶ୍ରୀହରି' ଭାବ ଓ ଭକ୍ତିର ପରିବେଶ ସୃଷ୍ଟି କରିଥିଲା। ଶିଳ୍ପୀଙ୍କୁ ବାଦ୍ୟଯନ୍ତ୍ର ତବଲାରେ ଶରତ ପାଣି, ଢୋଲକରେ ରବୀନ୍ଦ୍ର ବାରିକ, ବଂଶୀରେ ଏମ୍. ସୀମାଦ୍ରି, କିବୋର୍ଡରେ ବରଦା ଓ ଗୀଟାରରେ କିରନ କୁମାର ସହଯୋଗ କରିଥିଲେ।



ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଉତ୍ସବରେ ଉପସ୍ଥିତ ଅତିଥି।

## ବିଜୁବାବୁ ଓଡ଼ିଆ ସ୍ୱାଭିମାନର ପ୍ରତୀକ ଥିଲେ

**ଭୁବନେଶ୍ୱର,୧୭।୪(ବ୍ୟୁରୋ)**

ବିଜୁବାବୁ ସାହସିକତା, ସ୍ୱାଭିମାନ ଓ ଶକ୍ତିମତ୍ତାର ଅଫୁରନ୍ତ ବିଗ୍ରହ ଥିଲେ। ସେ ଓଡ଼ିଆ ସ୍ୱାଭିମାନ, ସମୃଦ୍ଧିର ପ୍ରତୀକ ଥିଲେ। ତାଙ୍କ ପାଇଁ ରାଜ୍ୟ ବାହାରେ ଓଡ଼ିଶାର ଅନନ୍ୟ ପରିଚୟ ଥିଲା। ସମୃଦ୍ଧ ଓଡ଼ିଶାର ନିର୍ମାତା ଭାବରେ ଏହି କିମ୍ବଦନ୍ତୀ ପୁରୁଷ ଜୀବଦ୍ଦଶାରେ ଯେତିକି ଚର୍ଚ୍ଚିତ ଥିଲେ, ନିଜର କୃତୀ ଓ ବହୁମୁଖୀ ଅବଦାନ ପାଇଁ ଅନୁରୂପ ଭାବରେ ଉତ୍ତରପିଢ଼ି ନିକଟରେ ଚିରସ୍ମରଣୀୟ ରହିବେ ବୋଲି ମହାନ୍ ଜନନାୟକ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ତିଥିରେ ମତପ୍ରକାଶ ପାଇଛି। ଓଡ଼ିଶାର ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଶତତ ଚେଷ୍ଟିତ ବିଜୁବାବୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବୁଧବାର ସୂଚନା ଭବନଠାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଭାଗ କମିଶନର ତଥା ଶାସନ ସଚିବ ସଞ୍ଜୟ କୁମାର ସିଂ, ନିର୍ଦ୍ଦେଶକ ଲକ୍ଷ୍ମୀଧର ମହାନ୍ତି, ଯୁଗ୍ମ ଶାସନ ସଚିବ ଶୁଭେନ୍ଦ୍ର କୁମାର ନାୟକ, ଉପନିର୍ଦ୍ଦେଶକ ବିପିନ୍ ବିହାରୀ ବାରିକି, ବରଦା ପ୍ରସନ୍ନ ଦାସ, ଅତିରିକ୍ତ ନିର୍ଦ୍ଦେଶକ(କ୍ଷେତ୍ର) ସନ୍ତୋଷ କୁମାର ଦାସ, ଭୁବନେଶ୍ୱର ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ସାମାଜିକ କର୍ମୀ ଗିରିଜା ଶଙ୍କର ମହାପାତ୍ରଙ୍କ ସମେତ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ବିଜୁ ପଟ୍ଟନାୟକଙ୍କୁ ଭାରତରତ୍ନ ପ୍ରଦାନ ଦାବି

**ଭୁବନେଶ୍ୱର,୧୭।୪(ବ୍ୟୁରୋ)**

ଉତ୍କଳ ସମ୍ମିଳନୀ ପକ୍ଷରୁ ବୁଧବାର ବିଜୁ ପଟ୍ଟନାୟକ ପାର୍କସ୍ଥିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ବରପୁତ୍ରଙ୍କ ୨୨ତମ ଶ୍ରାଦ୍ଧ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀର ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଦିଲୀପ ଦାଶଶର୍ମା ସଭାପତିତ୍ୱ କରି ଓଡ଼ିଶାର ଲୌହ ମାନବ ବିଜୁବାବୁଙ୍କୁ ଭାରତରତ୍ନ ସମ୍ମାନରେ ସମ୍ମାନିତ କରିବା ପାଇଁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଶୀତଳ ଚନ୍ଦ୍ର ମହାନ୍ତି, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ଇଂ. ଶିବ ପ୍ରସାଦ ମିଶ୍ର, କ୍ଷେତ୍ରମୋହନ ନାୟକ, ମହେଶ୍ୱର ବିଶ୍ୱାଳ, ଅକ୍ଷୟ ଜେଠୀ, ଶିଦ୍ଧାର୍ଥ ଶେଖର ଗଡ଼ନାୟକ ଓ ନିରଞ୍ଜନ ଜେନାଙ୍କ ସମେତ ବହୁ ସଦସ୍ୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ସଂସ୍କୃତି ବିଭାଗ ପାଳିବ ବିଶ୍ୱ ଐତିହ୍ୟ ଦିବସ

**ଭୁବନେଶ୍ୱର,୧୭।୪(ବ୍ୟୁରୋ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗୁରୁବାର ବିଶ୍ୱ ଐତିହ୍ୟ ଦିବସ ପାଳନ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଅପରାହ୍ନରେ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ୍ ତଥା ଐତିହ୍ୟ ବିଶେଷଜ୍ଞ ଜିତୁ ମିଶ୍ର ଅତିଥି ବକ୍ତା ଭାବେ ଯୋଗଦେବେ। ଏହି ଅବସରରେ ସେ 'ଓଡ଼ିଶା ପରିଦୃଶ୍ୟରେ ସ୍ମାରକୀଭିନ୍ନ ଐତିହ୍ୟ' ପ୍ରସଙ୍ଗ ଉପରେ ବକ୍ତବ୍ୟ ରଖିବେ। ବିଭାଗର ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିବେ।

# ଦୟଣା ଚୋରି କଲେ ମହାପ୍ରଭୁ

### ଶ୍ରୀମନ୍ଦିରରେ ଦୟଣାଲାଗି ନୀତି ଆଜି

**ପୁରୀ ଅଫିସ,୧୭।୪**

ଶ୍ରୀମନ୍ଦିରରେ ଚାଲିଛି ରାମଲୀଳା। ବୁଧବାର ଚୈତ୍ରଶୁକ୍ଳ ତ୍ରୟୋଦଶୀରେ ଦମନକ ଚୋରି ତଥା ଦୟଣା ଚୋରି ନୀତି ଯୋଗୁ ରାମଲୀଳା ବନ୍ଦ ରହିଥିଲା। ମଧ୍ୟାହ୍ନ ଧୂପ ଏବଂ ଦକ୍ଷିଣୀ ଘର ଭୋଗ ସରିବା ପରେ ରାମ ଓ କୃଷ୍ଣ ରତ୍ନସିଂହାସନକୁ ବିଜେ କରିଥିଲେ। ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଆଜ୍ଞାମାଳ ଦୁଇ ଠାକୁରଙ୍କୁ ପ୍ରଦାନ କରିଥିଲେ। ଅଧିବାସ କନ୍ଦର୍ପ ପଟି ବଟମୂଳେ ରହିଥିବା ପାଲିଙ୍କି ନିକଟକୁ ମହାଜନ ସେବକ ବିଜେ କରାଇଥିଲେ। ଏହାପରେ ରାମ ଓ କୃଷ୍ଣ ପାଲିଙ୍କିକୁ ବିଜେ ହୋଇଥିଲେ। କନ୍ଦର୍ପ ପଟି ଧରି ମହାଜନ ସେବକ ଆଗେ ଆଗେ ଚାଲିଥିଲେ। ବିମାନବଡୁମାନେ ଘଣ୍ଟ, ଛତା, କାହାଳୀ ସହ ଠାକୁରଙ୍କୁ ଶ୍ରୀଜଗନ୍ନାଥବଲ୍ଲଭକୁ ବିଜେ କରାଇଥିଲେ। ଜଗନ୍ନାଥ ବଲ୍ଲଭ ଝୁଲଣ ଘର ଶେଯଖଟ ଉପରେ ରାମକୃଷ୍ଣ ବିଜେ କରିବା ପରେ କନ୍ଦର୍ପ ପଟି ବିଜେ କରାଯାଇଥିଲା। ସଂକଳ୍ପ ହୋମ ହୋଇ ଭୋଗ ବଢିଥିଲା। ମହାଜନ ସେବକ ରାମକୃଷ୍ଣଙ୍କୁ ହାତରେ ଧରି ମଠର ସୁଗ୍ରୀବ ମହାରାଜଙ୍କ ସମ୍ମୁଖ ପ୍ରମୋଦ ଉଦ୍ୟାନକୁ ବିଜେ କରାଇଥିଲେ। ସେଠାରେ ଏକ ଆସ୍ଥାନରେ ୬ଟି ଦୟଣା ବୃକ୍ଷ ରୋପଣ କରାଯାଇଥିଲା। ଭିତରଛୁ ୨ଟି ବୃକ୍ଷ ଆଣି ରାମକୃଷ୍ଣଙ୍କ ଶ୍ରୀହସ୍ତରେ ଲାଗି କରାଇଥିଲେ। ଅବଶିଷ୍ଟ ୪ଟି ବୃକ୍ଷକୁ ଏକ ତାଡ଼ରେ ଶ୍ରୀମନ୍ଦିରକୁ ଅଣାଯାଇଥିଲା। ଏହାପରେ ରାମ ଓ କୃଷ୍ଣ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

ଠାକୁର ବାହୁଡା ବିଜେ ପରେ ଭୋଗମଣ୍ଡପ ଘର ଧୋପଖାଳ ହୋଇ ଚାନ୍ଦୁଆ ଟଣା ହୋଇଥିଲା। ଚାନ୍ଦୁଆ ତଳେ ବାଲିବନ୍ଧ ଉପରେ ଦୟଣା, ମରୁଆ ସୁବାସ ଗଛମାନ ରୋପଣ କରାଯାଇଥିଲା। ପାଲିଙ୍କିରୁ ମହାଜନ ଦୁଇ ଠାକୁରଙ୍କୁ ଗରୁଡ ଦ୍ୱାରକୁ ଆଣିଥିଲେ। ସେଠାରେ ମଇଲମ ହୋଇଥିଲା। ବଡସିଂହାର ଭୋଗ ଶେଷ ହେବା ପରେ ମଦନ ମୋହନ ରତ୍ନସିଂହାସନକୁ ବିଜେ କରିଥିଲେ। ପରେ ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ଭୋଗମଣ୍ଡପ ଘର ଖଟଶେଯ ଉପରେ ବିଜେ ହୋଇଥିଲେ। ମହାଜନ ସେବକ ମଦନମୋହନ, ଶ୍ରୀଦେବୀ ଏବଂ ଭୂଦେବୀଙ୍କୁ ଶ୍ରୀଜଗନ୍ନାଥବଲ୍ଲଭରୁ ଆସିଥିବା ୩ଟି ଗଛ ଦୟଣା ଲାଗି କରାଇଥିଲେ। ଏହାପରେ ଠାକୁରଙ୍କ ଆଗରେ ୩ଟି ଟାଙ୍ଗୁଡିରେ ତିନି ଗୋଟା ଗଛ ରଖାଯାଇଥିଲା। ପୂଜାପଣ୍ଡା ମଣ୍ଡଳ ଉପରେ ତିନୋଟି ଟାଙ୍ଗୁଡିକୁ ରଖିଥିଲେ। ଶୀତଳଭୋଗ ମଣୋହି ହେବା ପରେ ଭୋଗମଣ୍ଡପ ଘର ଦ୍ୱାର ବନ୍ଦ କରି ଜଉମୁଦ ଦିଆଯାଇଥିଲା। ପରେ ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ବଢି ପହୁଡ ହୋଇଥିଲା। ଗୁରୁବାର ଶ୍ରୀମନ୍ଦିରରେ ଦୟଣାଲାଗି ନୀତି ଅନୁଷ୍ଠିତ ହେବ।



ଜଗନ୍ନାଥ ବଲ୍ଲଭରେ ଦୟଣାଚୋରି ନୀତି ସାରି ଫେରୁଛନ୍ତି ରାମ ଓ କୃଷ୍ଣ।






ତାପସ



ଶଶିକାନ୍ତ



ଭୁଦେବ



ଟୁଟୁ



ଶ୍ରୀମା



ଶିବପ୍ରସାଦ



ପପୁ



ନାରାୟଣ



ଜୱାନ ଓ କିଷାନର ଜୟ ହିଁ ଦେଶ ଓ ଜାତିର ଜୟ।

- ଲାଲବାହାଦୁର ଶାସ୍ତ୍ରୀ



## ସଂକ୍ଷେପରେ

### ଆଜି ବାଙ୍କୀ ଆସୁଛନ୍ତି ମୁଖ୍ୟମନ୍ତ୍ରୀ

**ବାଙ୍କୀ,୧୭।୪(ସ୍ୱ.ପ୍ର.):** ଗୁରୁବାର ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାୟକ ପ୍ରାର୍ଥୀ ଦେବୀରଞ୍ଜନ ତ୍ରିପାଠୀ ଓ ଏମ୍‌ପି ପ୍ରାର୍ଥୀ ଭର୍ତ୍ତୃହରି ମହତାବଙ୍କ ପାଇଁ ନିର୍ବାଚନ ପ୍ରଚାର ନିମନ୍ତେ ବାଙ୍କୀ ଆସିବେ। ଅପରାହ୍ନ ୩ଟାରେ କଚେରି ପଡିଆଠାରେ ନିର୍ମିତ ହେଲିପ୍ୟାଡ୍‌ରେ ଅବତରଣ କରିବା ପରେ ସେ ଦଳୀୟ ସମାବେଶରେ ଉଦ୍‌ବୋଧନ ଦେବେ। ଏହାକୁ ନେଇ ସ୍ଥାନୀୟ ବିଜେଡି ନେତା ଓ କର୍ମୀମାନଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ସେହି ବର୍ଷ ଜାନୁୟାରୀ ୧୬ରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ବାଙ୍କୀ ଗସ୍ତରେ ଆସି କଚେରି ପଡିଆଠାରେ କଲ୍ୟାଣମଣ୍ଡପ, ବସଷ୍ଟାଣ୍ଡ୍ ନିର୍ମାଣ ଓ ପାନୀୟଜଳ ଯୋଗାଣ ପାଇଁ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କିନ୍ତୁ ଦୁର୍ଭାଗ୍ୟର ବିଷୟ ୫ବର୍ଷ ବିତିଯାଇଥିଲେ ମଧ୍ୟ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଜାଗା ଅଧିଗ୍ରହଣ ହୋଇପାରି ନ ଥିବାବେଳେ କଲ୍ୟାଣ ମଣ୍ଡପ ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଛି। ଜଳ ଯୋଗାଣ ପ୍ରକଳ୍ପଟି କାର୍ଯ୍ୟକ୍ଷମ ହୋଇଥିଲେ ମଧ୍ୟ ପରିଚାଳନାଗତ ତ୍ରୁଟି ଯୋଗୁ ସହରବାସୀ ଠିକ୍ ଭାବେ ପାନୀୟଜଳ ପାଇପାରୁ ନାହାନ୍ତି। ଏଥିପ୍ରତି ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେବା ପାଇଁ ଜନସାଧାରଣ ଦାବି କରିଛନ୍ତି।

### ଅଗ୍ନିକାଣ୍ଡ: ଜଳିଗଲା ଓମ୍‌ଫେଡ ଦୋକାନ

**କଟକ ଅଫିସ୍, ୧୭।୪:** ଏସ୍‌ସିବି ମେଡିକାଲ ପରିସରରେ ଥିବା ଏକ ଓମ୍‌ଫେଡ ଦୋକାନରେ ବୁଧବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ଦୋକାନରେ ଥିବା ଫ୍ରିଜ, କ୍ଷୀର, ଫ୍ୟାନ ସହ ବହୁ ଆସବାବପତ୍ର ଜଳିଯାଇଛି। ଭୋର ୫ଟାରେ ଦୋକାନରୁ ଧୂଆଁ ବାହାରୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବରପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଶର୍ଟସର୍କିଟ ଯୋଗୁ ନିଆଁ ଲାଗିଥିବା ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି। ତେବେ ତଦନ୍ତ ପରେ କ୍ଷୟକ୍ଷତିର ଠିକ୍ ଆକଳନ କରାଯାଇ ପାରିବ ବୋଲି କଟକ ସର୍କଲ ଅଗ୍ନିଶମ ବିଭାଗର ଏଏଫ୍‌ଓ ଅବନୀ ସ୍ୱାଇଁ କହିଛନ୍ତି।

### ରେଳ ଷ୍ଟେଶନ ସମ୍ମୁଖରୁ ଅଚିହ୍ନା ମୃତଦେହ ଉଦ୍ଧାର

**କଟକ ଅଫିସ, ୧୭।୪:** କଟକ ରେଳ ଷ୍ଟେଶନର ଏକ ନମ୍ବର ଫାଟକ ସମ୍ମୁଖରୁ ବୁଧବାର ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହକୁ ଜିଆରପି ପୋଲିସ ଜବତ କରିଛି। ବୁଧବାର ଭୋର ୫ଟାରେ ସେଠାରେ ଜଣେ ବ୍ୟକ୍ତି ଶୋଇଥିବା ଦେଖି ସ୍ଥାନୀୟ ଲୋକ ତାଙ୍କୁ ଉଠାଇବାକୁ ଚେଷ୍ଟା କରିଥିଲେ। ହେଲେ ସେ ନ ଉଠିବାରୁ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଦେଖିବାରୁ ସମ୍ପୃକ୍ତ ବ୍ୟକ୍ତି ବ୍ୟକ୍ତିଙ୍କ ମୃତ୍ୟୁ ଘଟିସାରିଥିଲା। ପରେ ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇ ତଦନ୍ତ ଚଳାଇଛି।

### ସୂଚନା ଅଧିକାରୀ କର୍ମୀଙ୍କୁ ମାଡ

**କଟକ ଅଫିସ୍, ୧୭।୪:** ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସୂଚନା ଅଧିକାର କର୍ମୀ ଜିତେନ୍ଦ୍ର ସାହୁଙ୍କୁ ବୁଧବାର କେତେଜଣ ଦୁର୍ବୃତ୍ତ ମାଡ ମାରିଛନ୍ତି। ଏ ନେଇ ଜିତେନ୍ଦ୍ର ମଧୁପାଟଣା ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଅପରାହ୍ନରେ ଜିତେନ୍ଦ୍ର ସମ୍ରାଟ ହଲ୍ ନିକଟରେ ଠିଆ ହୋଇଥିବାବେଳେ କେତେଜଣ ଯୁବକ ତାଙ୍କୁ ଗାଳିଗୁଲଜ କରିଥିଲେ। ଜିତେନ୍ଦ୍ର ସେମାନଙ୍କୁ ବିରୋଧ କରିବାରୁ ସେମାନେ ତାଙ୍କୁ ମାଡ ମାରିଥିଲେ ବୋଲି ଅଭିଯୋଗପତ୍ରରେ ଦର୍ଶାଯାଇଛି।

■ ପୋଲିସ କବ୍‌ଜାରେ ଚୋରା ବନ୍ଧୁକ ବ୍ୟବସାୟୀ

# ୪ ବନ୍ଧୁକ, ୫ ମାଗାଜିନ, ଗୁଳି ଜବତ

**କଟକ ରୋଡ,୧୭।୪(ଡି.ଏନ୍.ଏ.)**





■ବିହାରର ମୁଙ୍ଗେରରୁ ଓଡ଼ିଶାକୁ ଆସୁଛି ବନ୍ଧୁକ

■ଭୁବନେଶ୍ୱର, ପୁରୀ ଓ ଖୋର୍ଦ୍ଧାରେ ଚଳାଇଥିଲେ ନେଟୱର୍କ

ଦୀର୍ଘ ଦିନ ପରେ କମିଶନରେଟ ପୋଲିସ ହାତରେ ଧରାପଡିଛନ୍ତି ଜଣେ ଚୋରା ବନ୍ଧୁକ ବ୍ୟବସାୟୀ। ସମ୍ପୃକ୍ତ ବ୍ୟବସାୟୀଙ୍କୁ ପୋଲିସ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅଧୀନ ଭୀମଟାଙ୍ଗୀ ହାଉସିଂ ବୋର୍ଡ କଲୋନୀରେ ରହୁଥିବା ସଂଗ୍ରାମ ନାଥ। ତାଙ୍କ ନିକଟରୁ ମାଗାଜିନ ଭର୍ତ୍ତିଥିବା ୨ଟି .୭୬୫ଏମ୍‌ଏମ୍ ବନ୍ଧୁକ, ଗୋଟିଏ ୯ଏମ୍‌ଏମ୍ ଓ ଗୋଟିଏ ସିଙ୍ଗଲ ସଟ୍ ବନ୍ଧୁକ ସହ ୪ରାଉଣ୍ଡ ଗୁଳି, ଦୁଇଟି ଖାଲି ମାଗାଜିନ, ଗୋଟିଏ ୯ଏମ୍‌ଏମ୍ ଗୁଳି ଜବତ ହୋଇଛି। ସୂଚନା ଅନୁଯାୟୀ, ଭୁବନେଶ୍ୱରରୁ ଅନେକ ବନ୍ଧୁକ ଜବତ ହେବା ପରେ କମିଶନରେଟ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ସଂଗ୍ରାମଙ୍କ ବାବଦରେ ସୂଚନା ପାଇଥିଲା। ଏନେଇ ଗତ ପ୍ରାୟ ୪ଦିନ ଧରି କମିଶନରେଟ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଭୁବନେଶ୍ୱର ବରମୁଣ୍ଡା ବସଷ୍ଟାଣ୍ଡ ସହ ରେଲୱେ ଷ୍ଟେଶନରେ ରହି ସଂଗ୍ରାମଙ୍କ ଗତିବିଧିକୁ ଲକ୍ଷ୍ୟ ରଖିଥିଲା। ବୁଧବାର ସଂଗ୍ରାମ ବିହାରରୁ ଟ୍ରେନ ଯୋଗେ ବନ୍ଧୁକ ଆଣି ରେଲୱେ ଷ୍ଟେଶନରେ ପହଞ୍ଚିଥିବା ସ୍ପେଶାଲ ସ୍କ୍ୱାଡ୍ ନିକଟରେ ଖବର ପାଇଥିଲା। ପରେ ଲକ୍ଷ୍ମୀସାଗର ପୋଲିସ ସହାୟତାରେ ୨ଟି ଟିମ୍‌ର ଅଧିକାରୀ ପୂର୍ବାହ୍ନ ପ୍ରାୟ ୧୦ଟାରେ ସଂଗ୍ରାମଙ୍କୁ ପୁରୁଣା ଷ୍ଟେଶନ ବଜାର ଅଞ୍ଚଳରେ ଧରିଥିଲେ। ନିୟମିତ ସଂଗ୍ରାମ ବିହାର ରାଜ୍ୟ ମୁଙ୍ଗେର ଜିଲା ଅଧୀନ କରଓ୍ୱା ମୈଦାନ ଅଞ୍ଚଳରୁ ଚୋରା ବନ୍ଧୁକ କିଣୁଥିବା ପୋଲିସ ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି। ପଚରାଉଚରା ପରେ ସଂଗ୍ରାମ ତାଙ୍କ ଚୋରା ବନ୍ଧୁକ ବ୍ୟବସାୟ ନେଟୱର୍କ ବାବଦରେ କହିଥିଲେ। ଗୋଟିଏ ବନ୍ଧୁକ ସେ ମୁଙ୍ଗେରରୁ ପ୍ରାୟ ୧୫ହଜାର ଟଙ୍କାରେ କିଣୁଥିବା ବେଳେ ଓଡ଼ିଶାରେ ତାହାକୁ ୩୦ରୁ ୩୫ହଜାର ଟଙ୍କାରେ ବିକୁଥିବା ଜଣାପଡିଥିଲା। ଅନ୍ୟପକ୍ଷରେ ଭୁବନେଶ୍ୱର, ଖୋର୍ଦ୍ଧା ଓ ପୁରୀ ଜିଲାର କେତେଜଣ ଅପରାଧୀଙ୍କୁ ସଂଗ୍ରାମ ବନ୍ଧୁକ ବିକ୍ରି କରୁଥିବା ପୋଲିସ ସନ୍ଦେହ ପ୍ରକାଶ କରିଛି। ଉକ୍ତ ଅଞ୍ଚଳର କେଉଁ ଅପରାଧୀଙ୍କୁ ସଂଗ୍ରାମ ବନ୍ଧୁକ ବିକ୍ରି କରନ୍ତି ସେ ନେଇ କୌଣସି ତଥ୍ୟ ହାସଲ କରିପାରି ନାହିଁ। ତେବେ ଆବଶ୍ୟକ ପଡିଲେ ପୋଲିସ ସଂଗ୍ରାମଙ୍କୁ ରିମାଣ୍ଡରେ ଆଣିବା ପାଇଁ ଯୋଜନା ରଖିଛି ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ଏନେଇ ସଂଗ୍ରାମଙ୍କ ନାଁରେ ଥାନାରେ ମାମଲା(ନଂ.୧୦୪/୧୯)ରୁଜୁ ହୋଇଛି। ସୂଚନାଥାଉ କି, ୨୦୧୨ରେ ମଧ୍ୟ ସଂଗ୍ରାମଙ୍କଠାରୁ ୬ଟି ଦେଶୀ ବନ୍ଧୁକ ଜବତ ହୋଇଥିଲା। ଏହା ସହ ତାଙ୍କ ନାମରେ ପୂର୍ବରୁ ଶହୀଦ ନଗର ଥାନାରେ ଗୋଟିଏ ମାମଲା ଓ ଲକ୍ଷ୍ମୀସାଗର ଥାନାରେ ଦୁଇଟି ଆର୍ମ ଆକ୍ଟ ମାମଲା ରହିଥିବା ଜଣାପଡିଛି। ଏପରିକି ସଂଗ୍ରାମ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଞ୍ଚଳରେ ନିଶାଦ୍ରବ୍ୟ କାରବାରରେ ଧରାପଡ଼ି ୧୦ବର୍ଷ ଜେଲଦଣ୍ଡ ଭୋଗିଛନ୍ତି। ୨୦୧୭ରେ ସେ ଜେଲରୁ ମୁକୁଳିବା ପରେ ଚୋରା ବନ୍ଧୁକ ବ୍ୟବସାୟରେ ସାମିଲ ଥିଲେ ବୋଲି ଲକ୍ଷ୍ମୀସାଗର ଥାନା ଅଧିକାରୀ ଦୟାନିଧି ନାୟକ କହିଛନ୍ତି।

## ୨୦ ଗ୍ରାମ୍ ବ୍ରାଉନସୁଗାର ଜବତ, ଅଭିଯୁକ୍ତ ଗିରଫ

**କଟକ ରୋଡ,୧୭।୪(ଡି.ଏନ୍.ଏ.)**



ଲକ୍ଷ୍ମୀସାଗର ଥାନା ହଳଦୀପଡ଼ିଆ ବସ୍ତିରେ ବୁଧବାର ଅବକାରୀ ବିଭାଗ ଚଢ଼ାଉ କରି ଜଣେ ବ୍ରାଉନସୁଗାର ବ୍ୟବସାୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ବସ୍ତିରେ ରହୁଥିବା ଦିଲ୍ଲୀପ ବେହେରା। ତାଙ୍କଠାରୁ ୨୦ଗ୍ରାମ୍ ବ୍ରାଉନସୁଗାର ଜବତ ହୋଇଛି। ଜବତ ନିଶା ସାମଗ୍ରୀ ମୂଲ୍ୟ ପ୍ରାୟ ୨ଲକ୍ଷ ଟଙ୍କା ହେବ ବୋଲି ଫ୍ଲାଇଂ ସ୍କ୍ୱାଡ୍ ଇନ୍‌ସପେକ୍ଟର ଶରତ ଚନ୍ଦ୍ର ଭଞ୍ଜ କହିଛନ୍ତି। ସୂଚନାଥାଉ କି, ୨୦୧୮ ଫେବୃୟାରୀ ୧୨ରେ ମଧ୍ୟ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ସଂସ୍ଥା ଦିଲ୍ଲୀପଙ୍କୁ ଗିରଫ କରିଥିବା ବେଳେ ତାଙ୍କଠାରୁ ୪୬ଗ୍ରାମ୍ ବ୍ରାଉନସୁଗାର ଜବତ କରିଥିଲା।

## ୭ ବଖରା ଜଳିଗଲା

**ଚୌଦ୍ୱାର,୧୭।୪(ଡି.ଏନ୍.ଏ.)**

ଆଗ୍ରାହାଟ ପଞ୍ଚାୟତ ଅଧୀନ ପୁରୋହିତପୁର ଗ୍ରାମ ଗଉଡ଼ ସାହିରେ ବୁଧବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ୩ଟି ପରିବାରର ୭ବଖରା ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡରେ ଗଉଡ଼ ସାହିର ଦେବ ଦାସ, ଦୟାନିଧି ଦାସ ଓ ଉଦ୍ଧବ ଦାସଙ୍କ ଘରର ସମସ୍ତ ଆସବାବପତ୍ର ସହ ବାସନକୁସନ, ଧାନ ଚାଉଳ ପୋଡିଯାଇଛି। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ସନ୍ଧ୍ୟାରେ ହଠାତ୍ ପବନ ହେବାରୁ ଗ୍ରାମରେ ଯାଇଥିବା ବିଦ୍ୟୁତ୍ ତାର ଦୁଇଟି ଯୋଡ଼ି ହୋଇଯିବାରୁ ସେଥିରୁ ନିଆଁ ବାହାରି ଉଦ୍ଧବଙ୍କ ଘର ଉପରେ ପଡ଼ିବାରୁ ଘର ଜଳିବାକୁ ଆରମ୍ଭ କରିଥିଲା। ପରେ ଏହା ଅନ୍ୟ ଘରକୁ ବ୍ୟାପିଥିଲା। ଖବରପାଇ ଚୌଦ୍ୱାର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସରପଞ୍ଚ ନରହରି ଦେହୁରୀ ଓ ସମିତି ସଭ୍ୟ ପହଞ୍ଚି ବିପନ୍ନ ପରିବାରଙ୍କୁ ପଲିଥିନ ଓ ଖାଦ୍ୟ ଯୋଗାଇଦେଇଥିବା ଜଣାପଡିଛି।




ଭୋଟର ସଚେତନତା ବାର୍ତ୍ତା ନେଇ ପୁରୀ ବେଳାଭୂମିରେ ଅନ୍ତର୍ଜାତୀୟ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକାକଳା।

## ଦୋଷୀଙ୍କୁ ସୁଧାର ପାଇଁ ସୁଯୋଗ ଦେଲେ କୋର୍ଟ

**କଟକ ଅଫିସ, ୧୭।୪**

ଗଣ୍ଡଗୋଳ ଓ ମାରପିଟ ମାମଲାର ଶୁଣାଣି କରି ସାଲେପୁର ଜେଏମ୍‌ଏଫ୍‌ସି ୩ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ଚରିତ୍ରରେ ସୁଧାର ଆଣିବା ପାଇଁ ସୁଯୋଗ ଦେଇଛନ୍ତି। ପ୍ରୋବେଶନ ଅଫ ଅଫେଣ୍ଡର୍ସ ଆକ୍ଟ ଅନୁଯାୟୀ, ଏହି ୩ ଅଭିଯୁକ୍ତଙ୍କୁ କୋର୍ଟ ଛାଡ଼ିଦେବାକୁ ଆଦେଶ ଦେଇଛନ୍ତି। ଯେହେତୁ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ବିରୋଧରେ କୌଣସି ପୂର୍ବ ଆପରାଧିକ ରେକର୍ଡ ନ ଥିଲା ଏବଂ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନ ଥିବାରୁ କୋର୍ଟ ଏହି ରାୟ ଦେଇଛନ୍ତି। ସୂଚନାଥାଉ କି, ୨୦୧୫ ଜୁଲାଇ ୧୭ ତାରିଖରେ ନିଶ୍ଚିନ୍ତକୋଇଲି ଅଞ୍ଚଳରେ ଏହି ଘଟଣା ଘଟିଥିଲା। ଆୱାରନେସ୍ ନାମକ ଏକ ସଂସ୍ଥାରେ କାର୍ଯ୍ୟ କରୁଥିବା ମମତା ପରିଜା ଏବଂ ତାଙ୍କ ସହଯୋଗୀମାନେ କୁଳିଆ ଗ୍ରାମକୁ ଯାଉଥିବାବେଳେ ଜାନକୀ ଚାନ୍ଦ, ପ୍ରତିମା ଚାନ୍ଦ ଓ ରାମଚନ୍ଦ୍ର ଚାନ୍ଦ ସେମାନଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ସାଲେପୁର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ଲୋପାମୁଦ୍ରା ବରାଳ ମାମଲା ପରିଚାଳନା କରୁଥିଲେ।

## ସାପ କାମୁଡ଼ାରେ ମହିଳା ମୃତ

**ବେଗୁନିଆ,୧୭।୪ (ଡି.ଏନ.ଏ.)**

ସାପ କାମୁଡ଼ାରେ ଖୋର୍ଦ୍ଧା ଜିଲା ବେଗୁନିଆ ତହସିଲ ବଡବେରଣା ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଆଦିବାସୀ ସାହିର ଜଣେ ଗର୍ଭବତୀ ମହିଳାଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ସେ ହେଲେ ସୁମିତ୍ରା ବେହେରା(୨୩)। ପ୍ରକାଶଥାଉ କି, ବିଜୟଙ୍କ ସ୍ତ୍ରୀ ସୁମିତ୍ରା ବୁଧବାର ଅପରାହ୍ନ ପ୍ରାୟ ଗୋଟାଏ ବେଳେ ନିଜ ବାଡିପଟ କାଜୁ ବଗିଚାକୁ କୌଣସି କାର୍ଯ୍ୟରେ ଯାଇଥିଲେ। ସେଠାରେ ସୁମିତ୍ରାଙ୍କୁ ଏକ ସାପ କାମୁଡି ଦେଇଥିଲା। ସୁମିତ୍ରାଙ୍କୁ ପରିବାର ଲୋକେ ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲା ଚିକିତ୍ସାଳୟକୁ ନେଇ ଯାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ୪ ଜଣଙ୍କୁ ୭ ବର୍ଷ କାରାଦଣ୍ଡାଦେଶ

**ଆଠଗଡ଼,୧୭।୪(ସ୍ୱ.ପ୍ର.)**

ଏକ ହତ୍ୟା ଉଦ୍ୟମ ମାମଲାର ବିଚାର କରି ଆଠଗଡ଼ ଅତିରିକ୍ତ ଜିଲା ଦୌରାଜଜ ଅମୃତ ରଞ୍ଜନ ନନ୍ଦ ଜଣେ ପୂର୍ବତନ ସରପଞ୍ଚଙ୍କ ସମେତ ୪ ଜଣଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେବା ସହିତ ୨ ହଜାର ଟଙ୍କା ଜରିମାନା ରାୟ ଶୁଣାଇଛନ୍ତି। ସୂଚନା ଅନୁସାରେ, ୩।୩।୨୦୧୨ରିଖେ ସକାଳ ୮ଟାରେ ଟିଗିରିଆ ଥାନା ଅନ୍ତର୍ଗତ ଗଦାଧରପୁର ଗ୍ରାମର ପ୍ରତାପ ରାଉତ ନିକଟସ୍ଥ ବନ୍ଧ ଭୁଆସୁଣୀ ପୀଠରୁ ଗ୍ରାମକୁ ଫେରୁଥିଲେ। ଏହି ସମୟରେ ଗାଁ ଦାଣ୍ଡରେ ଅଭିଯୁକ୍ତ ପୂର୍ବତନ ସରପଞ୍ଚ ଶରତ ସ୍ୱାଇଁ ଓରଫ ବୁଢୁଙ୍କ ସମେତ ଉପେନ୍ଦ୍ର ନାରାୟଣ ମହାପାତ୍ର, ସନ୍ତୋଷ କୁମାର ରାଉତ ଓ ଦିବାକର ଓରଫ ଗୁଲୁ ରାଉତ ପ୍ରତାପଙ୍କୁ ଠେଙ୍ଗା, ଖଣ୍ଡା, ଭୁଜାଲି, ଫାର୍ସା ଆଦି ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ପ୍ରତାପଙ୍କ ସ୍ତ୍ରୀ ସତ୍ୟଭାମା, ଭାଇ ପ୍ରଦୀପ ଓ ଭାଇବୋହୂ ମାମି ଘଟଣାସ୍ଥଳକୁ ଆସି ତାଙ୍କୁ ଉଦ୍ଧାର ଟିଗିରିଆ ଡାକ୍ତର ଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଉଦ୍‌ବେଗଜନକ ହେବାରୁ ତାଙ୍କୁ ଆଠଗଡ ଡାକ୍ତରଖାନା ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ଏ ନେଇ ପ୍ରଦୀପଙ୍କ ସ୍ତ୍ରୀ ସତ୍ୟଭାମା ଟିଗିରିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ ପୋଲିସ ମାମଲା ନଂ–୩୭/୧୨ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପ୍ରକାଶଯୋଗ୍ୟ, ୫।୪।୨୦୧୨ରେ ପ୍ରତାପଙ୍କ ସାନଭାଇ ପ୍ରଦୀପଙ୍କୁ ନୃଶଂସଭାବେ ଗାଁ ଦାଣ୍ଡରେ ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡରେ ଉପରୋକ୍ତ ଅଭିଯୁକ୍ତମାନେ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ କାରାଦଣ୍ଡ ଭୋଗୁଛନ୍ତି।

■ ଦାଦନ ଶ୍ରମିକଙ୍କ ପାପୁଲି କଟା ମାମଲା: ସରକାର ମାନିଲେ

## ୩୪ ହଜାର ଶ୍ରମିକ ରାଜ୍ୟ ବାହାରକୁ ଯାଉଛନ୍ତି

**କଟକ ଅଫିସ, ୧୭।୪**

କଳାହାଣ୍ଡି ଜିଲାରୁ ୩୪ହଜାର ଶ୍ରମିକ କର୍ମସଂସ୍ଥାନ ଅନ୍ୱେଷଣରେ ବାହାର ରାଜ୍ୟକୁ ଯାଉଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ଏହି ମର୍ମରେ ସତ୍ୟପାଠ ଆକାରରେ ଏକ ତଥ୍ୟ ଦାଖଲ କରାଯାଇଛି। କଳାହାଣ୍ଡି ଜିଲାରୁ ୨ ବର୍ଷ ତଳେ ଆନ୍ଧ୍ରକୁ ଇଟାଭାଟିରେ କାମ କରିବାକୁ ଯାଇଥିବା ୨ ଜଣ ଦାଦନଙ୍କ ପାପୁଲି କଟା ଘଟଣାରେ ହାଇକୋର୍ଟ ସରକାରଙ୍କୁ ଜବାବ ମାଗିଥିଲେ। ସୂଚନାଥାଉ କି, କଳାହାଣ୍ଡି ଅଞ୍ଚଳର ଏହି ୨ ଜଣ ଯୁବକଙ୍କ ପାପୁଲି କଟା ଘଟଣା ଏକ ଜାତୀୟ ଇଂଲିଶ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହି ଖବରକୁ ଆଧାର କରି ସୁପ୍ରିମକୋର୍ଟ ନିଜ ଆଡୁ ମାମଲା ରୁଜୁ କରିବା ସହିତ ଉଭୟ ଓଡ଼ିଶା ଏବଂ ଆନ୍ଧ୍ର ସରକାରଙ୍କଠାରୁ ଜବାବ ଓ ତଥ୍ୟ ମାଗିଥିଲେ। ପରବର୍ତ୍ତୀ ଅବସ୍ଥାରେ ଉକ୍ତ ମାମଲାକୁ ଓଡ଼ିଶା ଓ ଆନ୍ଧ୍ର ହାଇକୋର୍ଟକୁ ସ୍ଥାନାନ୍ତର କରିଦେଇଥିଲେ। ମାତ୍ର ସୁପ୍ରିମକୋର୍ଟ ନିଜ ଆଡୁ ମାମଲା ରୁଜୁ କରିବା ପରେ ମାନବାଧିକାର କର୍ମୀ ବାଘାମ୍ବର ପଟ୍ଟନାୟକ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆବେଦନ କରିଥିଲେ। ବାଘାମ୍ବରଙ୍କ ଆବେଦନକୁ ସୁପ୍ରିମକୋର୍ଟ ଗ୍ରହଣ କରିଥିଲେ। ଏହା ମାମଲା ଓଡ଼ିଶା ହାଇକୋର୍ଟକୁ ଆସିବା ପରେ ହାଇକୋର୍ଟ ମଧ୍ୟ ରାଜ୍ୟ ସରକାରଙ୍କଠାରୁ କେତେଜଣ ଶ୍ରମିକ କଳାହାଣ୍ଡି ଜିଲାରୁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି ତାହାର ସବିଶେଷ ତଥ୍ୟ ଲୋଡିଥିଲେ। ଏପରି କି ଦାଦନ ଖଟିବାକୁ ଯାଉଥିବା ଶ୍ରମିକମାନଙ୍କ ଥଇଥାନ ଏବଂ ପାପୁଲି କଟା ଯାଇଥିବା ଦୁଇ ଶ୍ରମିକଙ୍କ ସମ୍ପର୍କରେ ହାଇକୋର୍ଟ ତଥ୍ୟ ମାଗିଥିଲେ। ସରକାରଙ୍କ ପକ୍ଷରୁ ଉପରୋକ୍ତ ତଥ୍ୟ ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, କଳାହାଣ୍ଡି ଜିଲାରେ ଜଳସେଚନର ସୁବିଧା ନ ଥିବାରୁ କୃଷିକ୍ଷେତ୍ର ସଂକୁଚିତ ହୋଇଯାଇଛି। ଫଳରେ ଚାଷବାସ ନ ପାଇ ଲୋକେ ଦାଦନ ଖଟିବାକୁ ବାଧ୍ୟ ହେଉଛନ୍ତି। ଆବେଦନକାରୀ ବାଘାମ୍ବରଙ୍କ ପକ୍ଷରୁ ଆଡଭୋକେଟ କ୍ଷୀରୋଦ ରାଉତ ମାମଲା ପରିଚାଳନା କରୁଛନ୍ତି। ଦୁଇ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନଧାର୍ଯ୍ୟ ହୋଇଛି।

## ଅଂଶୁଘାତରେ ଯୁବକଙ୍କ ମୃତ୍ୟୁ ଅଭିଯୋଗ

**ନିଶ୍ଚିନ୍ତକୋଇଲି,୧୭।୪(ସ୍ୱ.ପ୍ର.)**

ଅଂଶୁଘାତରେ ବୁଧବାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସେ ହେଲେ କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଜିଗ୍ନିପୁର ପଞ୍ଚାୟତ ବସୁପଦା ଗ୍ରାମର ବକାଉଲ ରହେମନଙ୍କ ପୁଅ ସୟଦ ମୁସ୍ତାକ ଅଲ୍ଲୀ (୩୫)। ପୂର୍ବାହ୍ନରେ ସୟଦ ମୁସ୍ତାକ ଘରୁ ବଜାରକୁ ଆସୁଥିବାବେଳେ ହଠାତ୍ ଅସୁସ୍ଥ ହୋଇ ପଡିଥିଲେ। ତାଙ୍କୁ ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସୟଦ ମୁସ୍ତାକଙ୍କ ଅଂଶୁଘାତ ଜନିତ ମୃତ୍ୟୁ ହୋଇଥିବା ତାଙ୍କ ବାପା ଅଭିଯୋଗ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ କାରଣ ଜଣାପଡ଼ିବ ବୋଲି କୁହାଯାଇଛି।




ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ବୁଧବାର ବିଜୁ ପଟ୍ଟନାୟକ ଛକସ୍ଥିତ ଆନନ୍ଦ ଭବନରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ କଟକ ନଗର ବିଜେଡି ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ।

■ କୁଶଭଦ୍ରା ଗଣ୍ଡରେ ୩ଛାତ୍ରଙ୍କ ମୃତ୍ୟୁ ଘଟଣାକୁ ନେଇ ଉତ୍ତେଜନା

## କ୍ଷତିପୂରଣ ଦାବିରେ ୫ଘଣ୍ଟା ରାସ୍ତାରୋକୋ

**ନିମାପଡ଼ା,୧୭।୪(ଡି.ଏନ୍.ଏ.)**



କ୍ଷତିପୂରଣ ଦାବିରେ ଟାୟାର ଜାଳି ରାସ୍ତାରୋକୋ କରାଯାଉଛି।

ନିମାପଡ଼ା ଥାନା ଅନ୍ତର୍ଗତ କୁଶଭଦ୍ରା ନଦୀର ଧୀରପୁର ବାଲିଘାଟ ଗଣ୍ଡରେ ମଙ୍ଗଳବାର ଗାଧୋଇବା ବେଳେ ପାଣିରେ ବୁଡିଯାଇ ୩ଜଣ ଛାତ୍ରଙ୍କ ମୃତ୍ୟୁ ହୋଇଥିଲା। ସୋମନେ ହେଲେ ଶ୍ୟାମସୁନ୍ଦରପୁରର ଜ୍ୟୋତିରଞ୍ଜନ ସାହୁ, ବଳଙ୍ଗା ନିନିଗାଁର କମଳଲୋଚନ ଜେନା ଓ ପୁରୀ ସହରର ତେଜେଶ୍ୱର ମହାନ୍ତି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ବାଲିଘାଟ ବନ୍ଦ ଦାବିରେ ଉତ୍ତ୍ୟକ୍ତ ଲୋକେ ଦୋଳବେଦୀ ଛକଠାରେ ମଙ୍ଗଳବାର ରାତି ପ୍ରାୟ ୧୧ଟାରୁ ୪ଟା ପର୍ଯ୍ୟନ୍ତ ରାସ୍ତାରୋକୋ କରିଥିଲେ। ଖବରପାଇ ନିମାପଡ଼ା ବିଡିଓ ଦାମୋଦର ଖୁଣ୍ଟିଆ,ଏସଡିପିଓ ଶରତ ମିଶ୍ର, ଆଇଆଇସି ଜନାର୍ଦ୍ଦନ ପାଢୀ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରତ୍ୟେକ ଛାତ୍ରଙ୍କ ପରିବାରବର୍ଗଙ୍କୁ ୪ଲକ୍ଷ ଟଙ୍କା ଓ ବେଆଇନ ବାଲି ଖନନ ଉପରେ ପଦକ୍ଷେପ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ବୁଧବାର ଚାରିଛକ ଡାକ୍ତରଖାନାରେ ୨ଛାତ୍ରଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଥିବା ବେଳେ କମଳଲୋଚନଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇ ନ ଥିବା ଜଣାପଡିଛି। କମଳଲୋଚନଙ୍କ ଦାଦା ପ୍ରସନ୍ନ କୁମାର ଜେନାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୦୮/୧୯)ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ବାଲିଘାଟ ଲିଜଧାରୀଙ୍କୁ କୈଫିୟତ ତଲବ ନୋଟିସ

ନିମାପଡ଼ା ତହସିଲ ଅଞ୍ଚଳରେ ବେଆଇନ ବାଲିଘାଟ, କୁଶଭଦ୍ରା ଓ ଭାର୍ଗବୀ ନଦୀ ଗର୍ଭରୁ ବାଲି ଉତ୍ତୋଳନ ବନ୍ଦ କରାଯିବା ସହ ବାଲିମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲାପାଳ, ଉପଜିଲାପାଳ ଓ ତହସିଲଦାରଙ୍କ ନିକଟରେ ଦାବି ହୋଇଛି। ଅନ୍ୟପକ୍ଷରେ ବାଲିଘାଟ ଲିଜଧାରୀଙ୍କୁ ତହସିଲଦାର କମଳଜିତ ଦାସଙ୍କୁ କୈଫିୟତ ତଲବ ନୋଟିସ ଜାରି କରିଛନ୍ତି। ୭୨ଘଣ୍ଟା ମଧ୍ୟରେ ସନ୍ତୋଷଜନକ ଉତ୍ତର ନ ରଖିଲେ ଲିଜଧାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦାସ କହିଛନ୍ତି।

## ■ କଟକରେ ଜମିଲା ପ୍ରଚାର

# ନବୀନ, ଶାହଙ୍କ ରୋଡ୍ ଶୋ

### ସହରରେ ଟ୍ରାଫିକ୍ ଜାମ୍

କଟକ ଅଫିସ, ୧୭।୪

କଟକରେ ବୁଧବାର ନିର୍ବାଚନୀ ପ୍ରଚାର ସରଗରମ ହୋଇଛି। ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ ପ୍ରାର୍ଥୀଙ୍କ ପାଇଁ କଟକରେ ପ୍ରଚାର ମଙ୍ଗ ଧରିଥିବା ବେଳେ ଅନ୍ୟପଟେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ରୋଡ୍ ଶୋ ମାଧ୍ୟମରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ। ଅପରାହ୍ନରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ନରାଜ ହେଲିପ୍ୟାଡ୍‌ରେ ଅବତରଣ କରିବା ପରେ ବିଶାଳ ରୋଡ୍ ଶୋ'ରେ ସିଡିଏ ଦେଇ ସହର ଭିତରକୁ ପଶିଥିଲେ। ବିଜେଡି ପକ୍ଷରୁ ପ୍ରସ୍ତୁତ ହାଇଟେକ ବସ୍‌ରେ ବସି ମୁଖ୍ୟମନ୍ତ୍ରୀ ପ୍ରଚାର କରିଥିଲେ। ସତୀଚଉରା, ଚଣ୍ଡୀଛକ, ବକ୍ସିବଜାର, ମଙ୍ଗଳାବାଗ, ରାଣୀହାଟ, ବାଦାମବାଡ଼ି, ଲିଙ୍କ୍‌ରୋଡ ଆଦି ସ୍ଥାନରେ ନବୀନ ବିଜେଡି ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ମୁଖ୍ୟମନ୍ତ୍ରୀ କଟକ ଚଣ୍ଡୀଙ୍କୁ ମନ୍ଦିର ମୁଖଶାଳା ନିକଟରେ ମୁଣ୍ଡିଆ ମାରିଥିଲେ। ମୁଁ ଆପଣଙ୍କ ଅଞ୍ଚଳକୁ ଆସିଛି, ଆପଣମାନେ ଖୁସି ତ ମୁଁ ବହୁତ ଖୁସି। ବିଧାୟକ ଓ ଏମ୍‌ପି ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ମୁଖ୍ୟମନ୍ତ୍ରୀ ସହରର ବିଭିନ୍ନ ଛକରେ ଭାଷଣରେ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ରୋଡ ଶୋ ପାଇଁ ସହରରେ ଟ୍ରାଫିକ ଜାମ୍ ଭଳି ପରିସ୍ଥିତି ଉପୁଜିଥିଲା। ରୋଡ୍ ଶୋ ବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟକ ଲୋକ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ରୋଡ୍ ଶୋ'ରେ ଦଳର ଏମ୍‌ପି ପ୍ରାର୍ଥୀ ଭର୍ତ୍ତୃହରି ମହତାବ, ବିଧାୟକ ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ ଓ ସୌଭିକ ବିଶ୍ୱାଳଙ୍କ ସମେତ ବିଜେଡିର ଆଗଧାଡ଼ିର ନେତାମାନେ ସାମିଲ ଥିଲେ। ଅନ୍ୟପଟେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ନରସିଂହପୁରରୁ ସଭା ସାରି ସନ୍ଧ୍ୟାରେ କଟକ ଦରଘାବଜାର ନିକଟରେ ପହଞ୍ଚିଥିଲେ। ସେଠାରୁ ସେ ରୋଡ ଶୋ'ରେ ଚଣ୍ଡୀ ମନ୍ଦିର ଦେଇ ସହରର ବିଭିନ୍ନ ଛକ ପରିକ୍ରମା କରିଥିଲେ। ଶାହଙ୍କ ରୋଡ୍ ଶୋ'ବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟକ ଲୋକେ ଜମା ହୋଇଥିଲେ। ଏହି ରୋଡ ଶୋ'ରେ ଭାଜପାର କଟକ ଏମ୍‌ପି ପ୍ରାର୍ଥୀ ପ୍ରକାଶ ମିଶ୍ର, ବିଧାୟକ ପ୍ରାର୍ଥୀ ସମୀର ଦେ, ଦିଲ୍ଲୀପ ମଲ୍ଲିକ, ଭାଜପା ରାଷ୍ଟ୍ରୀୟ ଉପସଭାପତି ତଥା କେନ୍ଦ୍ରାପଡା ଏମ୍‌ପି ପ୍ରାର୍ଥୀ ବୈଜୟନ୍ତ ପଣ୍ଡାଙ୍କ ସମେତ ବହୁ ନେତା ଉପସ୍ଥିତ ଥିଲେ।






ପୃଥକ ରୋଡ୍ ଶୋରେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଓ ଅନ୍ୟମାନେ।



ବିଜେଡି ରୋଡ୍ ଶୋରେ ସାମିଲ ହୋଇଥିବା କର୍ମୀ।



ଭାଜପା ରୋଡ୍ ଶୋରେ ଅମିତ ଶାହଙ୍କୁ ସ୍ୱାଗତ ପାଇଁ ଅପେକ୍ଷାରତ କର୍ମୀ ଓ ସାଧାରଣ ଲୋକ।

### ନରସିଂହପୁରରେ ଅମିତ ଶାହଙ୍କ ବିଜୟ ସଂକଳ୍ପ ସଭା

## ଖଣି, ଚିଟ୍‌ଫଣ୍ଡ, ରତ୍ନଭଣ୍ଡାର କଥା ଉଠାଇଲେ

ନରସିଂହପୁର, ୧୭।୪ (ଡି.ଏନ.ଏ./ସ୍ୱ.ପ୍ର.)

■ ବଡ଼ମ୍ବା ଚିନି କଳ ଚାଲୁ କରିବାକୁ ପ୍ରତିଶ୍ରୁତି

■ ମାଣିଆବନ୍ଧ ଶାଢ଼ି ପ୍ୟାରିସ, ନ୍ୟୁୟର୍କକୁ ଯିବ

ନରସିଂହପୁରରେ ଭାଜପାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ବିଜୟ ସଂକଳ୍ପ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅନନ୍ତ ନାରାୟଣ ହାଇସ୍କୁଲ ପଡିଆ ପରିସରରେ ଆୟୋଜିତ ସଭାରେ ଜିଲା ସାଧାରଣ ସମ୍ପାଦକ ତଥା ବଡ଼ମ୍ବା-ନରସିଂହପୁର ପ୍ରଭାରି ରାମନାରାୟଣ ମହାନ୍ତି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶାହ ଅପରାହ୍ନ ୫ଟାରେ ହେଲିକପ୍ଟରରେ ଆସି ଅବତରଣ କରିଥିଲେ। ପ୍ରାରମ୍ଭରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉପସ୍ଥିତ ହଜାର ହଜାର ଜନସାଧାରଣଙ୍କୁ ଅଭିଭାଷଣ ରଖିଥିଲେ। ସେ ଜନସାଧାରଣଙ୍କୁ ପ୍ରଶ୍ନ କରିଥିଲେ ଯେ, ମୋଦି କିଏ ପ୍ରଶ୍ନର ଓଡିଶା ଲୋକେ ଜବାବ ଦେବେ। ପାଇପରେ ପାଣି ଆସୁନି, ବିଦ୍ୟାଳୟରେ ଶିକ୍ଷକ ଅଛନ୍ତି କି, ଡାକ୍ତରଖାନାରେ ଡାକ୍ତର ଅଛନ୍ତି କି, ଚାଷୀର ଜମିକୁ ଜଳସେଚନ ହେଉଛି କି, ୨୪ ଘଣ୍ଟା ବିଜୁଳି ସେବା ପାଉଛନ୍ତି କି ବୋଲି ପ୍ରଶ୍ନ କରିଥିଲେ। ଚିଟଫଣ୍ଡ ଟଙ୍କାରେ ବିଜେଡି ନେତା କାଠଯୋଡି କୂଳରେ ୨୦ ମହଲା କୋଠା କରିଛନ୍ତି। ବଡମ୍ବା ଚିନିକଳକୁ ବିକ୍ରି ପଛରେ ବିଜେଡି ନେତାଙ୍କ ହାତ ରହିଛି। ଭାରତ ସରକାର ଆଗାମୀ ଦିନରେ ନିଶ୍ଚିତ ଏହି ଚିନି କଳକୁ ଚାଲୁ କରିବେ ବୋଲି ଶାହ କହିଥିଲେ।

ବଡମ୍ବା ବ୍ଲକର ବିଶ୍ୱ ପ୍ରସିଦ୍ଧ ମାଣିଆବନ୍ଧି ଶାଢ଼ିର ପ୍ରଚାର ପ୍ରସାର କରାଯାଉନାହିଁ। ଆଗାମୀ ଦିନରେ ଏହି ଶାଢ଼ି ପ୍ୟାରିସ ଓ ନ୍ୟୁୟର୍କ ଆଦି ସ୍ଥାନରେ ବିକ୍ରି ହେବା ପାଇଁ ବ୍ୟବସ୍ଥା କରାଯିବ। ଆଜିର ଦିନରେ ଆମେ ସଂକଳ୍ପ ନେବା ଓଡିଶା ଓ କେନ୍ଦ୍ରରେ ମୋଦି ସରକାରକୁ ଜିତାଇ ବିକାଶ ଧାରାରେ ସାମିଲ ହେବା। ବର୍ତ୍ତମାନ ନବୀନବାବୁ ୧୦ ପାଦ ଚାଲିବାକୁ ୧୦ ମିନିଟ ସମୟ ଲାଗୁଛି। ରତ୍ନଭଣ୍ଡାର ଚାବି ସମ୍ଭାଳି ପାରୁନାହାନ୍ତି, ସେ ରାଜ୍ୟ କ'ଣ ସମ୍ଭାଳିବେ। ଏହି ଅବସରରେ ବଡ଼ମ୍ବା-ନରସିଂହପୁରର ବହୁ ସମିତିସଭ୍ୟା, ପୂର୍ବତନ ସରପଞ୍ଚ, ସମିତିସଭ୍ୟ, ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷଙ୍କ ସମେତ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଭାଜପାରେ ସାମିଲ ହୋଇଥିଲେ। ସଭାରେ ବଡମ୍ବା ବିଧାୟକ ପ୍ରାର୍ଥୀ ବିଜୟ କୁମାର ଦଳବେହେରା, ଆଠଗଡ ବିଧାୟକ ପ୍ରାର୍ଥୀ ବଜେନ୍ଦ୍ର ରାୟ, ଖଣ୍ଡପଡା ବିଧାୟକ ପ୍ରାର୍ଥୀ ସିଦ୍ଧାର୍ଥ ଶେଖର ସିଂ ମର୍ଦ୍ଦରାଜ, ବାଙ୍କୀ ବିଧାୟକ ପ୍ରାର୍ଥୀ ଶୁଭ୍ରାଂଶୁ ମୋହନ ପାଢୀଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ। ବରିଷ୍ଠ ସଙ୍ଗୀତକାର ମନ୍ମଥ ମିଶ୍ରଙ୍କ ଦ୍ୱାରା ସାଂସ୍କୃତିକ ମଞ୍ଚରେ କଳାକାରମାନେ ବିଭିନ୍ନ ସଙ୍ଗୀତ ଗାନ କରିଥିଲେ।

## କଟକ ସଦର ଅଞ୍ଚଳରେ ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ

**କଟକ ସଦର, ୧୭।୪ (ଡି.ଏନ୍.ଏ.):** କଟକ ସଦର ନିର୍ବାଚନମଣ୍ଡଳୀରେ ବୁଧବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରୋଡ୍ ଶୋ କରିଛନ୍ତି। ରାତି ୮ଟା ୫ରେ ମୁଖ୍ୟମନ୍ତ୍ରୀ ଗତିରାଉତପାଟଣାରେ ପହଞ୍ଚିଥିଲେ। ବସ ଭିତରେ ଥାଇ ଅଭିବାଦନ ଗ୍ରହଣ କରିବା ସହ ଭୋଟ୍ ପାଇଁ ନିବେଦନ କରିଥିଲେ। କନ୍ଦରପୁର, ସୋମପୁର ଓ ଗଡ଼ମାଠାରେ ମତବ୍ୟକ୍ତ କରିଥିଲେ। ରୋଡ୍ ଶୋ ବିରିବାଟୀ, ଫକିରପଡ଼ା, କମରପଦା, ନାନପୁର ଦେଇ କଣ୍ଟୁଆର ପର୍ଯ୍ୟନ୍ତ ଚାଲିଥିଲା।

## ପୂର୍ଣ୍ଣଚନ୍ଦ୍ର ପୁରୀ ଜିଲା ବିଜେଡି ସମ୍ପାଦକ

**ପୁରୀ ଅଫିସ, ୧୭।୪:** ପୁରୀ ଜିଲା ବିଜେଡିର ନୂତନ କର୍ମକର୍ତ୍ତା ମନୋନୀତ ହୋଇଛନ୍ତି। ପୂର୍ଣ୍ଣଚନ୍ଦ୍ର ନାୟକଙ୍କୁ ସମ୍ପାଦକ ଏବଂ ଗୌରୀଶଙ୍କର ମିଶ୍ରଙ୍କୁ ପୁରୀ ସଦର ବ୍ଲକ ସମ୍ପାଦକ ଭାବେ ମଙ୍ଗଳବାର ମନୋନୀତ କରାଯାଇଛି। ଜିଲା ବିଜେଡି ସଭାପତି ମହେଶ୍ୱର ମହାନ୍ତି ବୁଧବାର ଏକ ପ୍ରେସ୍ ବିଜ୍ଞପ୍ତିରେ ଏହା ଜଣାଇଛନ୍ତି।

## ଆଚରଣ ବିଧି ଠିକ୍ ଭାବେ ଲାଗୁ ହେଉନି: ଭାଜପା

**ପୁରୀ ଅଫିସ, ୧୭।୪:** ପୁରୀ ନିର୍ବାଚନମଣ୍ଡଳୀରେ ନିର୍ବାଚନ ଆଚରଣ ବିଧି ଠିକ୍ ଭାବେ ଲାଗୁ ହେଉନାହିଁ ବୋଲି ଅଭିଯୋଗ ଆଣିଛି ଭାଜପା। ପୁରୀ ଜିଲା ଭାଜପା ସଭାପତି ପ୍ରଭଞ୍ଜନ ମହାପାତ୍ର ଏକ ପ୍ରେସ୍ ବିଜ୍ଞପ୍ତିରେ ଦର୍ଶାଇଛନ୍ତି ଯେ, ବିଦ୍ୟୁତ୍ ଖୁଣ୍ଟ, ସରକାରୀ ଜାଗାରେ ବିଜେଡିର ଫ୍ଲେକ୍ସ, ହୋର୍ଡିଂ, ପୋଷ୍ଟର ଲାଗିଛି। କିନ୍ତୁ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଅଫିସରମାନେ ନୀରବଦ୍ରଷ୍ଟା ସାଜିଛନ୍ତି। ସରକାରୀ ଜାଗାରେ ଲାଗିଥିବା ଦଳୀୟ ହୋର୍ଡିଂ, ଫ୍ଲେକ୍ସ, ପୋଷ୍ଟର ଆଦି ଜବତ କରିବା ଲାଗି ବହୁ ସଂଖ୍ୟାରେ ସ୍କ୍ୱାଡ୍ ଗଠନ କରାଯାଇଛି। କିନ୍ତୁ ଦାୟିତ୍ୱରେ ଥିବା ଅଧିକାରୀମାନେ ଆତିଥେୟତା ପାଇ ଆଖିବୁଜି ଦେଉଛନ୍ତି। ଫଳରେ ଆଦର୍ଶ ଆଚରଣ ବିଧି ଖୋଲାଖୋଲି ଉଲ୍ଲଘଂନ ହେଉଛି। ଯଦି ଏଥିପ୍ରତି ପଦକ୍ଷେପ ନିଆ ନ ଯାଏ ତେବେ ଭାଜପା ଭାରତର ନିର୍ବାଚନ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିବ। ଅନ୍ୟପକ୍ଷେ ଏ ସମ୍ପର୍କରେ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ଏଥିପାଇଁ ନିୟୋଜିତ ଅଧିକାରୀମାନେ ସେମାନଙ୍କ କାମ ଠିକ୍ ଭାବେ କରୁଛନ୍ତି। ଯଦି କୌଣସି ଜାଗାରେ ଏମିତି କିଛି ଅଭିଯୋଗ ରହିଛି ଆମକୁ ଜଣାଇଲେ ତୁରନ୍ତ ପଦକ୍ଷେପ ନିଆଯିବ।

# ନିର୍ଣ୍ଣାୟକ ଭୂମିକା ନେବେ ସ୍ୱାଧୀନ ପ୍ରାର୍ଥୀ

ଖୋର୍ଦ୍ଧା ଅଫିସ, ୧୭।୪

### ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ

■ ଭାଜପା-ବିଜେଡି ମଧ୍ୟରେ କଡା ଟକ୍କର

■ ପ୍ରଭାବ ପକାଇବ ଭାଜପା ନେତା ହତ୍ୟା ଘଟଣା

ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ଆସନ୍ତା ୨୩ରେ ନିର୍ବାଚନ ହେବ। ତେବେ ଭାଜପା ମଣ୍ଡଳ ସଭାପତି ମଙ୍ଗୁଳି ଜେନାଙ୍କ ହତ୍ୟା ପରେ ଏଠାକାର ରାଜନୀତି ମୋଡ ବଦଳିବାରେ ଲାଗିଛି। ମଙ୍ଗୁଳିଙ୍କ ହତ୍ୟା ବିଜେଡି କରାଇଛି ବୋଲି ଭାଜପା ସିଧାସଳଖ ଅଭିଯୋଗ ଆଣିଛି। ଏପରି କି ମଙ୍ଗୁଳିଙ୍କ ହତ୍ୟା ପ୍ରସଙ୍ଗ ଭୁବନେଶ୍ୱରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଢେଙ୍କାନାଳରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ଭାଷଣରେ ସ୍ଥାନ ପାଇଛି। ହାତରୁ କ୍ଷମତା ଯିବା ଭୟରେ ବିଜେଡି ଗୁଣ୍ଡାଗର୍ଦ୍ଦିକୁ ଆପଣେଇଛି ବୋଲି ପ୍ରଧାନମନ୍ତ୍ରୀଙ୍କ ଟିପ୍ପଣୀ ରାଜନୀତିକୁ ବେଶ ସରଗରମ କରିଛି। ଅନ୍ୟପକ୍ଷେ ବଡପୋଖରିଆରେ ମଙ୍ଗୁଳିଙ୍କ ପରିବାର ଲୋକଙ୍କୁ ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭେଟି ବୁଲେଟ୍‌ର ଜବାବ ବାଲଟ୍‌ରେ ଦିଆଯିବ ବୋଲି କହିବା ସହ ଏହି ଘଟଣା ପାଇଁ ବିଜେଡିକୁ ଦୋଷାରୋପ କରି ବର୍ଷିଛନ୍ତି। ଅପାପକ୍ଷରେ ହତ୍ୟାକାଣ୍ଡ ପଛରେ ବିଜେଡିର କୌଣସି ସମ୍ପର୍କ ନାହିଁ ବୋଲି ବିଜେଡି ସ୍ପଷ୍ଟ ଭାବେ କହିଛି। ସବୁ ପ୍ରକାରର ତଦନ୍ତକୁ ମୁଖ୍ୟମନ୍ତ୍ରୀ ଓ ସ୍ଥାନୀୟ ବିଜେଡି ପ୍ରାର୍ଥୀ ସ୍ୱାଗତ କରି ଭୋଟରଙ୍କ ଉପରେ ନିଷ୍ପତ୍ତି ଛାଡି ଦେଇଛନ୍ତି। ଏଭଳିସ୍ଥଳେ ମଙ୍ଗୁଳି ହତ୍ୟାକାଣ୍ଡକୁ ୩ ଦିନ ଅତିକ୍ରମ କରି ସାରିଥିଲେ ମଧ୍ୟ ପୋଲିସ କି କ୍ରାଇମବ୍ରାଞ୍ଚ ହତ୍ୟାକାରୀ କି ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ କରିପାରିନାହିଁ। ଭୋଟର ମଧ୍ୟ ଚୁପ ନ ରହି ମଙ୍ଗୁଳିଙ୍କ ହତ୍ୟାକାଣ୍ଡ କେଉଁ ଦିଗକୁ ଗତି କରୁଛି ତା' ଉପରେ ତୀକ୍ଷ୍ଣ ଦୃଷ୍ଟି ରଖି ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ଏଭଳି ସ୍ଥିତିରେ ସ୍ୱାଧୀନ ପ୍ରାର୍ଥୀମାନେ ଭୋଟ ବିଭାଜନ କରିବେ ବୋଲି ରାଜନୈତିକ ସମୀକ୍ଷକମାନେ କହୁଛନ୍ତି।

ଖୋର୍ଦ୍ଧା ଏକ ଏଭଳି ନିର୍ବାଚନମଣ୍ଡଳୀ ଏଠାରେ ବିଭିନ୍ନ ସମୟରେ ସ୍ୱାଧୀନ ପ୍ରାର୍ଥୀମାନେ ବିଜୟୀ ହେବା ପରେ ଶାସକ ଦଳରେ ସାମିଲ ହୋଇଛନ୍ତି। ୧୯୮୫ରେ ଜାନକୀ ବଲ୍ଲଭ ପଟ୍ଟନାୟକ ଆଠଗଡ ନିର୍ବାଚନମଣ୍ଡଳୀକୁ ରଖି ଖୋର୍ଦ୍ଧାରୁ ଇସ୍ତଫା ଦେବା ପରେ ଉପ ନିର୍ବାଚନରେ ପ୍ରସନ୍ନ ପାଟଶାଣୀ ସ୍ୱାଧୀନ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ। ପରେ ଜନତା ଦଳରେ ସାମିଲ ହୋଇ ପ୍ରସନ୍ନ ୧୯୯୦ ଓ ୧୯୯୫ରେ ଏଠାରୁ ବିଜୟୀ ହୋଇଥିଲେ। ସେହିପରି ୨୦୦୦ ନିର୍ବାଚନରେ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ସ୍ୱାଧୀନ ପ୍ରାର୍ଥୀ ଭାବେ ବିଜୟୀ ହୋଇ ବିଜେଡିରେ ସାମିଲ ହୋଇଥିଲେ। ପରେ ୨୦୦୪ରେ ବିଜେଡି ଟିକେଟ ପାଇ ବିଧାୟକ ହୋଇ ପାରିଥିଲେ। ୨୦୦୯ରେ ରାଜେନ୍ଦ୍ର ସାହୁ ସ୍ୱାଧୀନ ପ୍ରାର୍ଥୀ ହୋଇ ଖୋର୍ଦ୍ଧା ଦଖଲ କରିଥିଲେ। ପରେ ବିଜେଡିରେ ସାମିଲ ହୋଇ ୨୦୧୪ ନିର୍ବାଚନରେ ବିଜୟୀ ହୋଇଥିଲେ। ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ସ୍ୱାଧୀନ ପ୍ରାର୍ଥୀଙ୍କ ଦବ୍‌ଦବା ରହିଥିବାରୁ ୨୦୧୯ ନିର୍ବାଚନରେ ୮ ପ୍ରାର୍ଥୀଙ୍କ ମଧ୍ୟରୁ ୫ ପ୍ରାର୍ଥୀ ସ୍ୱାଧୀନ ଭାବେ ଅବତୀର୍ଣ୍ଣ ହୋଇଛନ୍ତି। ଏଠାରେ ୫ ପ୍ରାର୍ଥୀରୁ ୪ ଜଣ କେବଳ ଟାଙ୍ଗୀ ବ୍ଲକର ହୋଇଥିବାବେଳେ ଖୋର୍ଦ୍ଧା ସହର ସାମନ୍ତରାପୁରର ଜିତେନ୍ଦ୍ର ପ୍ରଧାନ ସ୍ୱାଧୀନ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇଛନ୍ତି। ଅପରପକ୍ଷେ ଟାଙ୍ଗୀ ବ୍ଲକ ଝାନସୀପାଟଣାର ଚିନ୍ତାମଣି ସାହୁ, ଟାଙ୍ଗୀର ଦିଲୀପ କୁମାର ବିଶ୍ୱାଳ, ବଡପାରିର ପ୍ରିୟ ରଞ୍ଜନ ପାତ୍ର ଓ ନନପଡା ଗାଁର ମୋହିତ ରଞ୍ଜନ ବେହେରା ଅନୁରୂପ ଭାବେ ନିର୍ବାଚନରେ ପ୍ରାର୍ଥୀ ହୋଇଛନ୍ତି। ସବୁ ସ୍ୱାଧୀନ ପ୍ରାର୍ଥୀଙ୍କ ମଧ୍ୟରେ ଜିତେନ୍ଦ୍ରଙ୍କ ସଙ୍ଗଠନ ଭଲ ରହିଛି। ସେ ବିଜେଡି ପ୍ରାର୍ଥୀ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଓ ଭାଜପା ପ୍ରାର୍ଥୀ କାଳୁ ଚରଣ ଖଣ୍ଡେୟତରାୟଙ୍କ ପାଇଁ ଚିନ୍ତାର କାରଣ ପାଲଟିଛନ୍ତି। ଅନ୍ୟପକ୍ଷେ ଟାଙ୍ଗୀ ବ୍ଲକର ୪ ପ୍ରାର୍ଥୀ ବିଜେଡି, ଭାଜପା ଓ କଂଗ୍ରେସ ଭୋଟକୁ ସ୍ଥାନୀୟ ଅଞ୍ଚଳରେ ଭାଗ ଭାଗ କରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ଚିନ୍ତା ବଢ଼ାଇ ଚାଲିଛନ୍ତି। ଏଥର ଯଦିଓ କଂଗ୍ରେସର ସ୍ୱାଗତିକା ପଟ୍ଟନାୟକ, ବିଜେଡିର ଜ୍ୟୋତିରୀନ୍ଦ୍ର ଓ ଭାଜପାର କାଳୁଙ୍କ ମଧ୍ୟରେ ଲଢ଼େଇ ହେଉଛି ତେବେ କଡା ଟକ୍କର ବିଜେଡି ଓ ଭାଜପା ମଧ୍ୟରେ ହେଉଛି। ରାଜନୈତିକ ସମୀକ୍ଷକଙ୍କ ମତରେ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ବିଜେଡି ଓ କଂଗ୍ରେସର ପାରମ୍ପରିକ ଭୋଟ ରହିଛି। ଏହି ଦୁଇ ଦଳର ତୃଣମୂଳ ସ୍ତରରେ ସଙ୍ଗଠନ ରହିଛି। ଭାଜପାର ସଙ୍ଗଠନ ନ ଥାଇ ଦଳ ବିଜେଡି ଓ କଂଗ୍ରେସର ଭୋଟକୁ ଭାଗ ଭାଗ କରି ବିଜୟୀ ହେବାକୁ ଆଶା ରଖିଛି। ୨୦୧୭ ପଞ୍ଚାୟତ ନିର୍ବାଚନର ଫଳାଫଳ ଭାଜପାକୁ ଏଠାରେ ଦମ୍ଭ ଦେଇଛି। କାରଣ ୨, ୩, ୯, ୧୦ ଜୋନ ମଧ୍ୟରୁ ୯ ନଂ. ଜିଲା ପରିଷଦ ଜୋନରେ ଭାଜପା ବିଜୟୀ ହୋଇଥିଲା। ଅନ୍ୟ ଜୋନଗୁଡିକରେ ବିଜେଡି ପଛରେ ଭାଜପା ରହିଥିଲା। ଏଭଳିସ୍ଥଳେ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀକୁ ଦଖଲ କରିବାକୁ ଭାଜପା କଳବଳ ଲଗାଇଛି। ବିଜେଡି ମଧ୍ୟ ଦୁର୍ଗରକ୍ଷା କରିବାକୁ ଭାଜପାର ନେତା ଜ୍ୟୋତିରୀନ୍ଦ୍ରଙ୍କୁ ଦଳକୁ ଆଣି ପ୍ରାର୍ଥୀ କରାଇଛି। ଉଭୟ ନେତା ପ୍ରଚାର ଓ ରୋଡ ଶୋ' ଜାରି ରଖିଛନ୍ତି। ଦେଖାଯାଉ ଭୋଟର କାହା ଉପରେ ଭରସା କରି ଭୋଟ ଦେଉଛନ୍ତି।



ଜ୍ୟୋତିରୀନ୍ଦ୍ରନାଥ ମିତ୍ର



କାଳୁ ଖଣ୍ଡେଇତରାୟ



ସ୍ୱାଗତିକା ପଟ୍ଟନାୟକ

## ■ ଶିରୁଳୀଠାରେ ଭାଜପାର ବିଜୟ ସଂକଳ୍ପ ସଭା

# ଭାଜପା ସରକାର ଗଢ଼ିଲେ ଏସ୍‌ଏଚ୍‌ଜିଙ୍କୁ ଋଣ ଛାଡ଼



ଭାଜପା ବିଜୟସଂକଳ୍ପ ସଭାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପୁରୀ ଲୋକ ସଭା ପ୍ରାର୍ଥୀ ସମ୍ବିତ ପାତ୍ର ଓ ଅନ୍ୟ ନେତୃବୃନ୍ଦ।

ପୁରୀ ଅଫିସ, ୧୭।୪

■ ୨୦୨୨ ସୁଦ୍ଧା ସବୁ ଗରିବଙ୍କ ମୁଣ୍ଡ ଉପରେ ଛାତ

■ ବିନା ସୁଧରେ ଚାଷୀ, ମହିଳାଙ୍କୁ ଋଣ

■ ମେଧାବୀ ଛାତ୍ରୀଙ୍କୁ ଦିଆଯିବ ସ୍କୁଟି

■ ସବୁ ଜିଲାରେ ମେଡିକାଲ କଲେଜ, ବିଏଡ୍ କଲେଜ

■ ନିର୍ମାଣ ହେବ ଉପକୂଳ ଜାତୀୟ ରାଜପଥ

ଓଡ଼ିଶାରେ ଭାଜପା ସରକାରକୁ ଆସିଲେ ଚାଷୀଙ୍କ ଜମିକୁ ତିନିଫସଲି ପାଇଁ ଜଳସେଚନର ବ୍ୟବସ୍ଥା ହେବ। ସମସ୍ତ ଚାଷୀଙ୍କ ଜମିକୁ ଜଳସେଚନ କରିବା ପାଇଁ ୫ବର୍ଷ ଭିତରେ ୧ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରାଯିବ। ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଙ୍କ ଋଣ ଛାଡ଼ କରାଯିବ। ବିନା ସୁଧରେ ଚାଷୀ ଓ ମହିଳାଙ୍କୁ ଋଣ ଦିଆଯିବ ବୋଲି ବୁଧବାର ଶିରୁଳୀ ମହାବୀର ପୀଠ ନିକଟରେ ଅନୁଷ୍ଠିତ ଭାଜପାର ବିଜୟ ସଂକଳ୍ପ ସଭାରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ସେ ଆହୁରି କହିଛନ୍ତି ଯେ, କେନ୍ଦ୍ର ଓ ରାଜ୍ୟରେ ଭାଜପାର ଡବଲ ଇଞ୍ଜିନ ସରକାର ଆସିଲେ ବିକାଶ ପ୍ରକ୍ରିୟା ଆହୁରି ତ୍ୱରାନ୍ୱିତ ହେବ। ୨୦୨୨ ସୁଦ୍ଧା ଓଡ଼ିଶାର ସବୁ ଗରିବଙ୍କ ମୁଣ୍ଡ ଉପରେ ଛାତ ଥିବ। ସମସ୍ତଙ୍କୁ ସ୍ଥାୟୀ ପଟ୍ଟା ମିଳିବ। ଝିଅମାନେ ଯିଏ ଭଲ ପଢିବେ ତାଙ୍କୁ ଗୋଟିଏ ଲେଖାଏ ସ୍କୁଟି ଦିଆଯିବ। ସବୁ ଜିଲାରେ ମେଡିକାଲ କଲେଜ ଏବଂ ବିଏଡ୍ କଲେଜ ନିର୍ମାଣ ହେବ। ଯୁବତୀ ଯୁବକ କିପରି ରୋଜଗାରକ୍ଷମ ହେବେ ତାହାର ବ୍ୟବସ୍ଥା ହେବ। ଜାତୀୟ ରାଜପଥ ବିଭାଗ ସହ ଆଲୋଚନା କରାଯାଇ ଉପକୂଳ ଜାତୀୟ ରାଜପଥ ତିଆରି କରାଯିବ। ଏହାଦ୍ୱାରା ବ୍ରହ୍ମଗିରି-ପୁରୀ-କୃଷ୍ଣପ୍ରସାଦକୁ ବର୍ଷତମାମ୍ ଗମନାଗମନ ସୁବିଧା ହୋଇପାରିବ।

ଚାଷ ହୁଡିଲେ ବରଷେ, ନିର୍ବାଚନ ହୁଡ଼ିଲେ ପାଞ୍ଚ ବରଷ। ଚାଷର ମୁଖ୍ୟ ହେଉଛି ହଳିଆ। ଯଦି ଭଲ ଓ ପରିଶ୍ରମୀ ଲୋକଙ୍କୁ ହଳିଆ ଭାବେ ରଖା ନ ଯାଏ ତେବେ ବର୍ଷସାରା ଦୁଃଖ କଷ୍ଟ ଭୋଗିବାକୁ ପଡ଼େ। ସେହିଭଳି ଯଦି ପ୍ରତିନିଧି ଠିକ୍ ଭାବେ ନ ବାଛିବା ରାଜନୀତି ୫ବର୍ଷ ହୁଡ଼ିବ। ରାଜ୍ୟ ଏବଂ ଦେଶର ସ୍ଥିତି ଖରାପ ହେବ। ପ୍ରଗତି ପଥରେ ବାଧା ଉପୁଜିବ। ତେଣୁ ଏକବିଂଶ ଶତାବ୍ଦୀରେ କିଏ ନୂଆ ଓଡ଼ିଶା ଏବଂ ନୂଆ ଭାରତ ନିର୍ମାଣର ନେତୃତ୍ୱ ନେବ ସେହିଭଳି ଏକ ନିର୍ଣ୍ଣାୟକ ସମୟ ଆସିଛି ବୋଲି ଭୋଟରଙ୍କ ଉଦ୍ଦେଶ୍ୟରେ କହିଥିଲେ ଧର୍ମେନ୍ଦ୍ର। ଏହି ଅବସରରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ କରିଥିଲେ। କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ନବୀନ ବାବୁଙ୍କ ବହୁତ ରାଗ। ସକାଳେ, ସନ୍ଧ୍ୟାରେ ପାଣି ପିଇ ପିଇ ଗାଳି ଦେଉଛନ୍ତି। ପୁଣି କହୁଛନ୍ତି ଦିଲ୍ଲୀ ଚାବିକାଠି ଏଥର ନବୀନ ବାବୁ ରଖିବେ। ତେଣୁ ତାଙ୍କୁ ୨୧ରୁ ୨୧ ଏମ୍‌ପି ଜିତାଇବା ଦରକାର। ଗତଥର ୨୧ରୁ ବିଜେଡିର ୨୦ ଏମ୍‌ପିଙ୍କୁ ଓଡ଼ିଶାବାସୀ ଜିତାଇଥିଲେ। କେଉଁ ଚାବିକାଠି କେଉଁଠି ରଖିଲେ ବୋଲି ପ୍ରଶ୍ନ କରିଥିଲେ। ଯିଏ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରତ୍ନ ଭଣ୍ଡାରର ଚାବିକାଠି ହଜାଇ ଦିଏ ସିଏ ଦିଲ୍ଲୀ ଚାବିକାଠି କିପରି ରଖିବ ବୋଲି କହି କଟାକ୍ଷ କରିଥିଲେ। ପୁରୀରୁ ସମ୍ବିତ୍ ପାତ୍ର ଜିତିଲେ କେନ୍ଦ୍ରରେ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବେ। ଯଦି ଭୁଲରେ ପିନାକୀ ବାବୁ ଜିତନ୍ତି ତେବେ ତାଙ୍କର ପ୍ରଧାନମନ୍ତ୍ରୀ କିଏ ହେବ ବୋଲି ପ୍ରଶ୍ନ କରିଥିଲେ ଧର୍ମେନ୍ଦ୍ର। ତାଙ୍କର କେହି ନିର୍ଦ୍ଦିଷ୍ଟ ନାହାନ୍ତି ଯିଏ ପ୍ରଧାନମନ୍ତ୍ରୀ ହୋଇପାରିବେ। ବାର ଦେଖି ଯେମିତି ହାଟ ବସେ ତାଙ୍କର ପ୍ରଧାନମନ୍ତ୍ରୀ ସେହିଭଳି ହେବେ । ଅର୍ଥାତ୍ ସୋମବାର ରାହୁଲ ଗାନ୍ଧୀ, ମଙ୍ଗଳବାର ମାୟାବତୀ, ବୁଧବାର ମମତା ବାନାର୍ଜୀ, ଗୁରୁବାର ଚନ୍ଦ୍ରବାବୁ ନାଇଡୁ, ଶୁକ୍ରବାର ଅଖିଳେଶ ଯାଦବ, ଶନିବାର ଜେଲ୍‌ରେ ଥାଇ ଲାଲୁ ହେବେ। ରବିବାର ଅଧା ଓଳି ଛୁଟି ହେବ ଏବଂ ଅଧାଓଳି ନବୀନ ବାବୁ ପ୍ରଧାନମନ୍ତ୍ରୀ ହେବେ ବୋଲି ଶାଣିତ ଢଙ୍ଗରେ କଟାକ୍ଷ କରି କହିଥିଲେ ଧର୍ମେନ୍ଦ୍ର।

ରାଜ୍ୟ ସରକାରଙ୍କୁ ସମାଲୋଚନା କରି ସେ କହିଥିଲେ, ୧୯ ବର୍ଷ ଶାସନରେ ରହିଥିବା ବିଜେଡି ହେଉଛି ପିସି ଖିଆ ସରକାର। ଏବେ ବି ଲୋକେ ପଇବା ପାଣି ପାଉନାହାନ୍ତି। ୨୪ଘଣ୍ଟିଆ ବିଦ୍ୟୁତ୍ ସେବା ମିଳୁନି। ଶିକ୍ଷକ, ଡାକ୍ତରଙ୍କ ଅଭାବ ରହିଛି। କିନ୍ତୁ ଏପଟେ ନବୀନ ବାବୁ କହୁଛନ୍ତି କାଳିଆ ଯୋଜନାକୁ ଭାଜପା ବନ୍ଦ କରିଦେଲା। ହେଲେ ମୋର ଗୋଟିଏ ପ୍ରଶ୍ନ କାଳିଆ ଯୋଜନା ପାଇଁ ଟଙ୍କା କାହିଁ। ବଜେଟରେ ତ ଏଥିପାଇଁ ଟଙ୍କା ନ ଥିଲା। ଗରିବ ଲୋକଙ୍କୁ ବିନା ପଇସାରେ କେବଳ ବିଜ୍ଞାପନରେ ହିଁ କାଳିଆ ଦେଲା। ତେଣୁ ଏବେ ସମୟ ଆସିଛି ଦୁର୍ନୀତିଗ୍ରସ୍ତ, ମହିଳା ବିରୋଧୀ, ଚିଟ୍‌ଫଣ୍ଡ ପଇସା ଖାଇଥିବା, ଖଣି ଦୁର୍ନୀତିରେ ଲିପ୍ତ ଥିବା ସରକାରଙ୍କୁ ବଦଳାଇବାକୁ ହେବ ବୋଲି ଧର୍ମେନ୍ଦ୍ର ପ୍ରକାଶ କରିଥିଲେ। ଏହି ସମାବେଶରେ ପୁରୀ ଲୋକ ସଭା ପ୍ରାର୍ଥୀ ସମ୍ବିତ୍ ପାତ୍ର, ବ୍ରହ୍ମଗିରି ବିଧାନ ସଭା ପ୍ରାର୍ଥୀ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ସମେତ ବହୁ ଦଳୀୟ ନେତୃତ୍ୱ ମଞ୍ଚାସୀନ ଥିଲେ।



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।
-ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ

### ଏକାମ୍ର ନିର୍ବାଚନମଣ୍ଡଳୀ ଭାଜପାର ନିର୍ବାଚନୀ ପ୍ରଚାର

**ପୁରୁଣା ଭୁବନେଶ୍ୱର, ୧୭।୪(ଡି.ଏନ.ଏ.)-** ଭୁବନେଶ୍ୱର ଏକାମ୍ରରେ ଭାଜପା ବିଧାୟକ ପ୍ରାର୍ଥୀ ବାବୁ ସିଂ ବୁଧବାର ଏକାମ୍ର ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳ ବୁଲି ଭୋଟଭିକ୍ଷା କରିଥିଲେ। ଗଡ଼ ମହାବୀର, କାରଗିଲବସ୍ତି, ପୋଖରୀପୁଟ ଆଦି ଅଞ୍ଚଳରେ ବୁଲି ଭୋଟରମାନଙ୍କଠାରୁ ଭୋଟଭିକ୍ଷା କରିଛନ୍ତି। ଏଥିରେ ସେ ଚଳିତ ନିର୍ବାଚନରେ ବିଜୟୀ ହେଲେ ବସ୍ତିବାସିନ୍ଦାଙ୍କ ପାଇଁ ତାଙ୍କ ସରକାର ନୂଆ ଯୋଜନା କରିବେ ବୋଲି କହିଛନ୍ତି।

### ତାରିଣୀ ମନ୍ଦିରରେ ବିଶ୍ୱଶାନ୍ତି ମହାଯଜ୍ଞ

**ଭୁବନେଶ୍ୱର,୧୭।୪ (ବ୍ୟୁରୋ)-** ଭିଏସ୍‌ଏସ୍ ନଗରସ୍ଥିତ ୨ୟ ପୋଷ୍ଟାଲ କଲୋନୀ ନିକଟ ମା' ତାରିଣୀ ମନ୍ଦିରରେ ଏକ ବିଂଶତମ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗତ ରବିବାର ଅଙ୍କୁରାରୋପଣ, ସୋମବାର ଜଳଯାତ୍ରା ଓ ଅଗ୍ନିସ୍ଥାପନ। ମଙ୍ଗଳବାର ଗୀତାରେ ଆହୁତି ପ୍ରଦାନ ଓ ବୁଧବାର ଚଣ୍ଡୀରେ ଆହୁତି ପ୍ରଦାନ ସହ ପୂର୍ଣ୍ଣାହୁତି ଏବଂ ପ୍ରସାଦ ସେବନ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁମାନେ ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

### ଧଉଳିରେ ବିଜେଡିର ନିର୍ବାଚନ ପ୍ରଚାର

**ପୁରୁଣା ଭୁବନେଶ୍ୱର, ୧୭।୪(ଡି.ଏନ.ଏ.)-** ବୁଧବାର ଏକାମ୍ର ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ଅଶୋକ ଚନ୍ଦ୍ର ପଣ୍ଡା ବିଭିନ୍ନ ଅଞ୍ଚଳ ନିର୍ବାଚନ ପ୍ରଚାର କରି ଭୋଟର ଭାଇଭଉଣୀମାନଙ୍କୁ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ତାଙ୍କର ରୋଡ ଶୋ', ଦିବ୍ୟ ବିହାରରୁ ବାହାରି ବଡରଙ୍ଗେଶ୍ୱର ମନ୍ଦିର, ଖଟୁଆପଡ଼ା, କାଣ୍ଡିସାହି, ଗୋପୀନାଥପୁର, ନଖାଉର ପାଟଣା, ଗେଲପୁର, ଜଗନ୍ନାଥପୁର, ସରଦେଇପୁର, ସାମନ୍ତରାପୁର ପାଟଣା ଆଦି ଅଞ୍ଚଳରେ ପରିଭ୍ରମଣ କରିଥିଲା। ପ୍ରଚାରରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ନେତା ସନ୍ତୋଷ ମହାନ୍ତି, ଶିଶୁପାଳଗଡ ସରପଞ୍ଚ ଇତିଶ୍ରୀ ଚମ୍ପତି, ଜିଲା ପରିଷଦ ସଭ୍ୟ ଦୀପ୍ତିମୟୀ ସୁନ୍ଦରରାୟ, ଧଉଳି ସରପଞ୍ଚ ପୂର୍ଣ୍ଣିମା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ପାଣ୍ଡରାର ଭଗବତ ବାସୁଦେବ ମେଳନ

**ବାଲିଅନ୍ତା,୧୭।୪(ଡି.ଏନ.ଏ.)-** ଭୁବନେଶ୍ୱର ମହାନଗର ନିଗମର ୧୮ନଂ ୱାର୍ଡ଼ ଅଧୀନ ପାଣ୍ଡରା ଗ୍ରାମର ଭଗବତ ବାସୁଦେବଙ୍କ ୧୦୨ତମ ବାର୍ଷିକ ମେଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଣ୍ଡରା, ଲକ୍ଷ୍ମୀସାଗର, ବମିଖାଲ, କୋରଡକଣ୍ଟା, କେଶୁରା, ଭୁବନପୁର ଓ ଅଣ୍ଡିଲୋ ଆଦି ଗ୍ରାମର ଠାକୁରଙ୍କ ଦୋଳବିମାନ ଯୋଗଦେଇଥିଲେ। ସୋମବାର ରାତି ୧୨ଟାରେ ପାଣ୍ଡରା ଗ୍ରାମର ଭଗବତ ଗୃହଠାରୁ ଠାକୁରମାନଙ୍କ ଜମାଣ ଉତ୍ସବ ଆରମ୍ଭ ହୋଇଥିଲା। ଠାକୁରଙ୍କ ଦୋଳବିମାନ ରୋଶଣି ଶୋଭାଯାତ୍ରାରେ ମେଳନ ପଡ଼ିଆକୁ ଆସି ସ୍ଥାୟୀ ମଣ୍ଡପରେ ବିଜେ କରିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଠାକୁରଙ୍କ ଦୋଳବିମାନ ସମ୍ମୁଖରେ ବିଭିନ୍ନ ଗ୍ରାମରୁ ଆସିଥିବା ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ନାମ ସଂକୀର୍ତ୍ତନ ପରିବେଷଣ ହୋଇଥିଲା। ମେଳନ ଅବସରରେ ବୁଧବାରଠାରୁ ୩ଦିନ ଧରି ମାଗଣାରେ ଅପେରା ପରିବେଷଣ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି।

### ଘରୋଇ ବସ୍ ମାଲିକ ସଂଘ ସଭାପତିଙ୍କ ବିୟୋଗ

**ଭୁବନେଶ୍ୱର,୧୭।୪(ବ୍ୟୁରୋ)-** ଓଡିଶା ରାଜ୍ୟ ଘରୋଇ ବସ୍ ମାଲିକ ସଂଘର ସଭାପତି ପ୍ରକାଶ ମିଶ୍ରଙ୍କର ବୁଧବାର ସନ୍ଧ୍ୟାରେ ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୨ ବର୍ଷ ହୋଇଥିଲା। ଗତ କିଛିଦିନ ହେବ ସେ ହୃଦ୍‌ଘାତଜନିତ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ବେଳକୁ ହସ୍ପିଟାଲରେ ତାଙ୍କ ସ୍ତ୍ରୀ ଓ କନ୍ୟା ଉପସ୍ଥିତ ଥିଲେ। ମିଶ୍ର ଜଣେ ମିଳାପୀ ଓ ଶାନ୍ତ ସ୍ୱଭାବର ବ୍ୟକ୍ତି ଥିଲେ। ଦୀର୍ଘବର୍ଷ ଧରି ସେ ବସ୍ ମାଲିକ ସଂଘର ସଭାପତି ଦାୟିତ୍ୱ ତୁଲାଇ ଆସିଥିଲେ। ତାଙ୍କ ବିୟୋଗରେ ସଂଘ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି।

## ■ ରାଜଧାନୀରେ ଏସ୍‌ଏଚ୍‌ଜି ଜଳସେବା ଶିବିର ପ୍ରହସନ

# ଗୋଟିଏ ଦିନ ଖୋଲି ବନ୍ଦ ହୋଇଗଲା

**ଭୁବନେଶ୍ୱର, ୧୭।୪(ବ୍ୟୁରୋ)**



ରସୁଲଗଡ଼ ଛକ ଓ ନିକୋ ପାର୍କ ଛକରେ ରହିଥିବା ଦୁଇଟି ଜଳସେବା ଶିବିର।

- ■ମେଲା ପଡ଼ିଛି ଶିବିର, ପାଣି ବାଣ୍ଟିବାକୁ କେହି ନାହାନ୍ତି
- ■ଅର୍ଥ ହଡ଼ପ କରିବାକୁ ହୋଇଛି ଭିତିରି ଯୋଜନା
- ■ଆବେଦନ ପରେ ବି ସାମାଜିକ ସଙ୍ଗଠନକୁ ମିଳୁନି ଜଳଛତ୍ର

ଅସହ୍ୟ ତାତି। ହଟହଟା ହେଉଛନ୍ତି ଯାତ୍ରୀ। ଲଗାତାର ଦୁଇଦିନ ଧରି ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିବା ଭୁବନେଶ୍ୱରରେ ଦେଖିବାକୁ ମିଳିଛି ଡହଳବିକଳ ସ୍ଥିତି। ପାଣିପାଇଁ ଚାରିଆଡେ ହାହାକାର ପଡ଼ିଥିବାବେଳେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଖୋଲାଯାଇଥିବା ଜଳସେବା ଶିବିର ପ୍ରହସନରେ ପରିଣତ ହୋଇଛି। ମହାଆଡମ୍ବରରେ ଖୋଲୁଥିବା ଜଳସେବା ଶିବିର ଗୋଟିଏ କିମ୍ବା ଦୁଇଦିନରେ ବନ୍ଦ ହୋଇପଡୁଛି। ଗତ ରବିବାର ମହାବିଷୁବ ସଂକ୍ରାନ୍ତିରେ ବିଏମ୍‌ସି ପକ୍ଷରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ସହାୟତାରେ ୩ଟି ସ୍ଥାନରେ ଜଳସେବା ଶିବିର ଖୋଲାଯାଇଥିଲା। ଗୋଟିଏ ଦିନ ସେଠାରେ ପାଣି ବଣ୍ଟନ କରାଯାଇଥିବାବେଳେ ଏବେ ତାହା ବନ୍ଦ ହୋଇଯାଇଛି। କେବଳ ଫାଙ୍କା ମାଠିଆ ଦେଖିବାକୁ ମିଳିଛି। ରସୁଲଗଡ଼ ଛକ, ନିକୋପାର୍କ ଛକରେ ଥିବା ଏହି ଜଳସେବା ଶିବିରରେ ନା ପାଣି ଅଛି ନା ପାଣି ବାଣ୍ଟିବାକୁ ଏସ୍‌ଏଚ୍‌ଜିର କୌଣସି ସଦସ୍ୟା ଅଛନ୍ତି।

ବିଶେଷକରି ମଧ୍ୟାହ୍ନରେ ସବୁଠୁ ଅଧିକ ତାତି ଅନୁଭୂତ ହେଉଥିବାରୁ ଅଧିକାଂଶ ଦୋକାନ ମଧ୍ୟ ବନ୍ଦ ହୋଇଯାଉଛି। ଫଳରେ ଯାତ୍ରୀମାନେ ପାଣି ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ବିଏମ୍‌ସି ପକ୍ଷରୁ ପ୍ରତିବର୍ଷ ଜଳସେବା ଶିବିର ଖୋଲୁଥିଲେ ମଧ୍ୟ ସେବା ମିଳୁ ନ ଥିବା ଅଭିଯୋଗ ହୋଇ ଆସୁଛି। ଚଳିତବର୍ଷ ଜଳସେବା ଶିବିର ପାଇଁ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ଆବେଦନ କରାଯାଇଛି। ହେଲେ ଏଯାଏ କାହାକୁ ଅନୁମତି ଦିଆଯାଇ ନ ଥିବାବେଳେ ପ୍ରଥମଥର ଲାଗି ମହିଳାମାନଙ୍କୁ ଏହି ଜଳସେବା ଶିବିର କରିବା ଲାଗି ସୁଯୋଗ ଦିଆଯାଇଛି। ଏସ୍‌ଏଚ୍‌ଜି ପକ୍ଷରୁ ଏଥିଲାଗି ୧୦ ଆବେଦନ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୩ଟି ଏସ୍‌ଏଚ୍‌ଜି ଜଳସେବା ଶିବିର ଖୋଲିଛନ୍ତି। ହେଲେ ଆରମ୍ଭରୁ ଏପରି ସ୍ଥିତି ବିଏମ୍‌ସିର ଜଳସେବା ନାଁରେ ଅର୍ଥ ହଡ଼ପ ମସୁଧା ଚାଲିଥିବା ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ ବାସ୍ତବ ସ୍ଥିତି ଜାଣିବାକୁ ଚେଷ୍ଟା କରାଯାଇଥିଲା। ହେଲେ ଦିନ ତମାମ ରସୁଲଗଡ଼ ଓ ନିକୋ ପାର୍କ ଏସ୍‌ଏଚ୍‌ଜି ଜଳସେବା ଶିବିରରେ ଜଳବଣ୍ଟନ ବନ୍ଦ ରହିଥିଲା। ବାଟରେ ଯାଉଥିବା ଯାତ୍ରୀମାନେ ପାଣି ରହିଥିବ ଭାବି ନିକଟରେ ପହଞ୍ଚି ଖାଲି ମାଠିଆ ଦେଖି ଅସନ୍ତୋଷରେ ଫେରୁଥିଲେ। ରସୁଲଗଡ଼ ଛକରେ ମାଠିଆ ନ ଥିବାବେଳେ ଖାଲି ଶିବିର କ'ଣ ପାଇଁ ଖୋଲାଯାଇଛି ବୋଲି ଲୋକେ କହୁଥିଲେ। କେହି କେହି ଅନ୍ୟ କେତେକଥା କହି ଚାଲିଯାଉଥିବା ଦେଖିବାକୁ ମିଳିଥିଲା।

ଏନେଇ ସାମାଜିକ ସଙ୍ଗଠନ କଳ୍ପନା ଛକ ସେବା ସଂଘର ଉପଦେଷ୍ଟା ନାରାୟଣଚନ୍ଦ୍ର ଓଝା କୁହନ୍ତି, ଦୀର୍ଘ ଦେଢମାସ ହେବ ଆମେ କଳ୍ପନାଛକରେ ଜଳଛତ୍ର କରିବୁ ବୋଲି ବିଏମ୍‌ସିରେ ଆବେଦନ କରିଛୁ। କିନ୍ତୁ ଜଳସେବା ଶିବିର ଓ ସ୍ଥାନ ନିରୂପଣ ନେଇ ଏଯାବତ କିଛି ଉତ୍ତର ଆସିନି। ଆମ ସଙ୍ଗଠନ ପ୍ରତ୍ୟେକ ବର୍ଷ ଜଳଛତ୍ର କରେ। କିନ୍ତୁ ଏଥର ବିଏମ୍‌ସି କର୍ତ୍ତୃପକ୍ଷଙ୍କ ଉଦାସୀନତା ସ୍ପଷ୍ଟ ଭାବେ ଦେଖିବାକୁ ମିଳିଛି। ବାରମ୍ବାର ବିଏମ୍‌ସି କାର୍ଯ୍ୟାଳୟକୁ ଯାଇ ନିରାଶ ହୋଇ ଫେରିଛୁ ବୋଲି ସେ କହିବା ସହ ଏସ୍‌ଏଚ୍‌ଜି ଜଳସେବା ଶିବିରକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ମହିଳାମାନଙ୍କୁ ଜଳସେବା ଶିବିର ଖୋଲିବାକୁ ଦାୟିତ୍ୱ ଦେବା ଓ ତାହା ଲୋକଙ୍କ ସେବାରେ ନ ଲାଗିବା ପ୍ରସଙ୍ଗକୁ ନେଇ ସେ ସନ୍ଦେହ ପ୍ରକଟ କରିନ୍ତି। ସେହିଭଳି ଓଡ଼ିଶା ସମାଜସେବୀ ମହାସଂଘ, ଦିଶା ଓଡ଼ିଶା ସଙ୍ଗଠନ, ହେଲ୍ପ କେୟାର, ୱାରିସ୍ ଫାଉଣ୍ଡେଶନ ପରି ବହୁ ସାମାଜିକ ସଙ୍ଗଠନ ବିଏମ୍‌ସିର ଏପରି କାର୍ଯ୍ୟଧାରାକୁ ନେଇ ଅଭିଯୋଗ ଉଠାଇଛନ୍ତି। ତେବେ ଏନେଇ ବିଏମ୍‌ସି କର୍ତ୍ତୃପକ୍ଷଙ୍କ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

## ■ ବାଘସଫାରିରେ ବସ୍ ଷ୍ଟେରିଙ୍ଗ୍ ଫେଲ୍

# ଅଧଘଣ୍ଟାଏ ପରେ ୩୫ ପର୍ଯ୍ୟଟକ ଉଦ୍ଧାର

**ବାରଙ୍ଗ,୧୭।୪(ଡି.ଏନ୍.ଏ.)**

ପ୍ରାଣୀ ଉଦ୍ୟାନ ନନ୍ଦନକାନନର ବାଘସଫାରୀରେ ବୁଧବାର ଏକ ବସର ଷ୍ଟେରିଙ୍ଗ ଫେଲ ହେବାରୁ ବସରେ ଥିବା ୩୫ଜଣ ଯାତ୍ରୀ ଏକ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। କିନ୍ତୁ ପର୍ଯ୍ୟଟକମାନେ ଅଧଘଣ୍ଟାକାଳ ବାଘ ସଫାରୀ ମଧ୍ୟରେ ଅଟକି ରହିଥିଲେ। ବାଘକୁ ପାଖରେ ଦେଖି ମଜା ଉଠାଇବାକୁ ଯାଇଥିବା ପର୍ଯ୍ୟଟକମାନେ ଶେଷରେ ଦୁଇଟି ବାଘକୁ ଅତି ନିକଟରେ ଦେଖି ଭୟରେ ସମୟ କଟାଉଥିଲେ। ପ୍ରକାଶ ଯେ, ବୁଧବାର ଅପରାହ୍ନ ୪ଟା ୨୦ସମୟରେ ଓଡି ୦୨ଏ୪୨୫୫ ନଂ ସଫାରୀ ବସ ୩୫ଜଣ ଯାତ୍ରୀଙ୍କୁ ନେଇ ବାଘ ସଫାରୀ ମଧ୍ୟରେ ବୁଲାଉଥିଲା। ବାଘ ସଫାରୀ ମଧ୍ୟରେ ବାଘ କ୍ରିଷ୍ଣା ଓ ଶୁଭାଂଶୁକୁ ପର୍ଯ୍ୟଟକମାନଙ୍କୁ ଦେଖାଇ ଫେରୁଥିବା ବେଳେ ବସଟିର ହଠାତ ଷ୍ଟେରିଙ୍ଗ ଫେଲ ହୋଇଯାଇଥିଲା। ବସ ଡ୍ରାଇଭର ବସର ନିୟନ୍ତ୍ରଣ ହରାଇଥିବାରୁ ଏକ ରାସ୍ତାକଡ଼ରେ ଥିବା ଉଚ୍ଚସ୍ଥାନକୁ ଉଠାଇଦେଇଥିଲା। ବସର ଗତି ମଧ୍ୟମଧରଣର ଥିବାରୁ ବସଟି ନ ଓଲଟି ଉଚ୍ଚ ସ୍ଥାନରେ ଅଟକି ରହିବାରୁ ଏକ ଦୁର୍ଘଟଣାରୁ ୩୫ଜଣ ପର୍ଯ୍ୟଟକ ବର୍ତ୍ତି ଯାଇଥିଲେ। ପରେ ଖବରପାଇ ନନ୍ଦନକାନନ କର୍ତ୍ତୃପକ୍ଷ ବସ ପାଖାପାଖି ରହିଥିବା କ୍ରିଷ୍ଣା ଓ ଶୁଭାଂଶୁ ବାଘକୁ ଫିଡିଂ ଚାମ୍ବରରେ ପୂରାଇବା ପରେ ବସରେ ବସିଥିବା ପର୍ଯ୍ୟଟକମାନେ ଭୟମୁକ୍ତ ହୋଇଥିଲେ। ପ୍ରାୟ ଅଧଘଣ୍ଟା ପରେ ଅନ୍ୟ ଏକ ବସ ଯୋଗେ ପର୍ଯ୍ୟଟକମାନଙ୍କୁ ବାଘ ସଫାରୀରୁ ବାହରକୁ ଅଣାଯାଇଥିଲା।

# କଷ୍ଟମ ବିଭାଗ ଅଧିକାରୀଙ୍କ ନାମରେ ଅଭିଯୋଗ

**ଭୁବନେଶ୍ୱର,୧୭।୪ (ବ୍ୟୁରୋ)**

- ■ରସିଦ ଥାଇ ଯାତ୍ରୀଙ୍କଠାରୁ ସୁନା ଜବତ କଲେ
- ■ସୁନା ସହ ନେଇଥିବା ୫ହଜାର ଟଙ୍କା ଫେରାଇଲେ

ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ଜଣେ କଷ୍ଟମ ଅଧିକାରୀ ସୁନା ଯାଞ୍ଚବେଳେ ଧମକ ଦେଇ ୫ ହଜାର ଟଙ୍କା ନେଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ପଦାକୁ ଆସିବା ପରେ କଷ୍ଟମ ବିଭାଗ ଅଧିକାରୀଙ୍କ କାର୍ଯ୍ୟଧାରାକୁ ନେଇ ପ୍ରଶ୍ନ ଉଠିଛି। ସୂଚନା ମୁତାବକ, ତାମିଲନାଡୁର କୁପୁସ୍ୱାମୀ ନାଗରାଜ ବ୍ୟାଙ୍କକ୍‌ରୁ ଏଫଡି୧୧୨ ନଂ. ବିଶିଷ୍ଟ ଫ୍ଲାଇଟ୍‌ରେ ଆସି ମଙ୍ଗଳବାର ରାତି ସାଢେ ୧୨ଟାରେ ଭୁବନେଶ୍ୱରରେ ପହଞ୍ଚିଥିଲେ। ବିମାନବନ୍ଦରରେ କଷ୍ଟମ ବିଭାଗ ଅଧିକାରୀମାନେ ତାଙ୍କୁ ଯାଞ୍ଚ କରିଥିଲେ। କୁପୁସ୍ୱାମି ଆଣିଥିବା ସୁନାର ଖରିଦ ରସିଦ ସହ ଅନ୍ୟ କାଗଜପତ୍ର ଦେଖାଇଥିଲେ ମଧ୍ୟ ଜଣେ ଅଧିକାରୀ ତାହା ଠିକ୍ ନ ଥିବା କହିଥିଲେ। ବିଭିନ୍ନ ଆଳ ଦେଖାଇ ଧମକାଇ ତାଙ୍କଠାରୁ ୫ ହଜାର ଟଙ୍କା ଜରିମାନା ଆଦାୟ କରିଥିଲେ। ଜରିମାନା ଟଙ୍କାର କୌଣସି ବୈଧ ରସିଦ ଉକ୍ତ ବିମାନ ଯାତ୍ରୀଙ୍କୁ ଦେଇ ନ ଥିଲେ। କୁପୁସ୍ୱାମୀଙ୍କ ପରିବାର ଓ ସମ୍ପର୍କୀୟମାନେ ଜାଣିବା ପରେ ସିଆଇଏସ୍‌ଏଫ୍ ଅଫିସ ନିକଟରେ ପହଞ୍ଚି ହୋହଲ୍ଲା କରିଥିଲେ। ସିଆଇଏସ୍‌ଏଫ୍‌ର ହସ୍ତକ୍ଷେପ ପରେ କଷ୍ଟମ ଅଧିକାରୀ ଜଣକ ୫ ହଜାର ଟଙ୍କା ଫେରାଇ ଦେଇଥିଲେ। ପରେ ଜିଏସ୍‌ଟିର ଅତିରିକ୍ତ କମିଶନର ସନ୍ତୋଷ ମହାନ୍ତି ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। କଷ୍ଟମ ବିଭାଗର ସମ୍ପୃକ୍ତ ଅଧିକାରୀ ଜଣକ କହିଛନ୍ତି ଯେ, ବିମାନବନ୍ଦରରେ ସମସ୍ତ ଯାତ୍ରୀଙ୍କୁ ତନ୍ନତନ୍ନ କରି ଯାଞ୍ଚ କରାଯାଉଛି। କିନ୍ତୁ ଉକ୍ତ ଯାତ୍ରୀ ଜଣକ ଅସହଯୋଗ କରିଥିଲେ। କଡା ଯାଞ୍ଚ ହେବାରୁ ସେ ଏପରି ଅଭିଯୋଗ ଆଣିଥିବା ଅଧିକାରୀ ଜଣକ କହିଛନ୍ତି।



ଭୁବନେଶ୍ୱରର ଭଞ୍ଜକଳା ମଣ୍ଡପଠାରେ ବୁଧବାର ଆୟୋଜିତ ସାଇ ସ୍ମୃତି କଳା କେନ୍ଦ୍ରର ୯ମ ବାର୍ଷିକୋତ୍ସବ ଅବସରରେ କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

### ଚନ୍ଦକା ଅଞ୍ଚଳରେ ବିଜେଡି ବିଧାୟକ ପ୍ରାର୍ଥୀଙ୍କ ରୋଡ୍ ଶୋ

**ବାରଙ୍ଗ,୧୭।୪(ଡି.ଏନ.ଏ.)**

ସାଧାରଣ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ସରି ଯାଇଥିବା ବେଳେ ତୃତୀୟ ପର୍ଯ୍ୟାୟ ପାଇଁ ଆଉ ଅଳ୍ପଦିନ ବାକି ରହିଛି। ଏଥିପାଇଁ ପ୍ରତି ରାଜନୈତିକ ଦଳ ମଧ୍ୟରେ ଭୋଟରମାନଙ୍କୁ ମନାଇବା ପାଇଁ ବିଭିନ୍ନ ପ୍ରକାରର ପ୍ରଚେଷ୍ଟା ଚଳାଇଛନ୍ତି। ଏଥି ମଧ୍ୟରେ ସୋସିଆଲ ମିଡ଼ିଆ ଦ୍ୱାରା ଗୋଟିଏ ମାଧ୍ୟମ ପାଲଟିଥିବା ବେଳେ ରୋଡ ଶୋ ଏବଂ ଘର ଘର ବୁଲି ମଧ୍ୟ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଜୋରସୋର ପ୍ରଚେଷ୍ଟା ଜାରି ରହିଛି। ବୁଧବାର ଜଟଣୀ ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ବିଭୂତି ଭୂଷଣ ବଳବନ୍ତରାୟ ରୋଡ ଶୋ କରି ବାରଙ୍ଗ ଅଞ୍ଚଳର ବିଭିନ୍ନ ପଞ୍ଚାୟତ ପରିକ୍ରମା କରିଛନ୍ତି। ମହୁଲ, ମାଜଣା, ମିନଚିଙ୍ଗ ପାଟଣା, ମଧୁପୁର, କରଣପଲ୍ଲୀ, ଛତାବର, ପଲ୍ଲାସପଲ୍ଲୀ, ଜାମୁଝରୀ ଆଦି ଗ୍ରାମଗୁଡ଼ିକରେ ଶତାଧିକରୁ ଉର୍ଦ୍ଧ୍ୱ ଦଳୀୟ କର୍ମୀଙ୍କ ସହ ପ୍ରଚାର କରିଛନ୍ତି। ଏହି ଅବସରରେ ବିଭିନ୍ନ ଗ୍ରାମରେ ସରକାରଙ୍କ ଅନେକ ଯୋଜନାମୂଳକ କାର୍ଯ୍ୟ ବିଷୟରେ କହି ନିଜ ସପକ୍ଷରେ ଭୋଟରମାନଙ୍କୁ ଭୋଟ ଭିକ୍ଷା କରିଛନ୍ତି। ଏହି ରୋଡ ଶୋ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ଅଜିତ ସାମନ୍ତରାୟ, ମାଧୁରୀ ବେହେରା, ଦୀପକ ଜେନା, ବିଷ୍ଣୁପ୍ରସାଦ ଡେଙ୍ଗ, ଧନୁର୍ଦ୍ଧର ସୁନ୍ଦରାୟଙ୍କ ସମେତ ଖୋର୍ଦ୍ଧା ଜିଲାର ବିଭିନ୍ନ ପଦାଧିକାରୀମାନେ ଯୋଗଦେଇଥିଲେ।

# ଖୋର୍ଦ୍ଧା ସହରରେ ଫ୍ଲାଗ ମାର୍ଚ୍ଚ

**ଖୋର୍ଦ୍ଧା ଅଫିସ,୧୭।୪**

ମଙ୍ଗୁଳି ଜେନାଙ୍କ ହତ୍ୟା ପରେ ଉତ୍ତେଜନାକୁ ଆଖି ଆଗରେ ରଖି ଖୋର୍ଦ୍ଧା ଆଦର୍ଶ ଥାନାର ଖୋର୍ଦ୍ଧା ସହରରେ ବୁଧବାର ଓଡ଼ିଶା କୁଇକ୍ ଆକ୍ସନ ଫୋର୍ସଙ୍କ ପକ୍ଷରୁ ଫ୍ଲାଗ ମାର୍ଚ୍ଚ ହୋଇଛି। ଆସିଷ୍ଟାଣ୍ଟ କମାଣ୍ଡର ବି.ବି. ମହାରଣାଙ୍କ ନେତୃତ୍ୱରେ ୯୦ ଜଣିଆ ଏକ କମ୍ପାନୀ ଫୋର୍ସ ଖୋର୍ଦ୍ଧା ଆଦର୍ଶ ଥାନା ପରିସରରୁ ବାହାରି ନୂଆ ବସ୍‌ଷ୍ଟାଣ୍ଡ ଦେଇ ପୁଣି ଥାନାକୁ ଫେରିଥିଲେ। ମଙ୍ଗଳବାର ନିରାକାରପୁର ଥାନାର ବଡପୋଖରିଆ ପଞ୍ଚାୟତ ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରିଥିଲେ। ଆଇନଶୃଙ୍ଖଳାକୁ ଆଖି ଆଗରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ଆଗୁଆ ସଚେତନତା ସୃଷ୍ଟି କରାଯାଉଛି।

## ■ ଭାଜପା ପ୍ରଚାରକୁ ବିରୋଧ କରି ଆକ୍ରମଣ

# ୨ ଭାଜପା ନେତା ଆହତ

**ଭୁବନେଶ୍ୱର, ୧୭।୪ (ବ୍ୟୁରୋ)**

ରାଜଧାନୀରେ ନିର୍ବାଚନୀ ପ୍ରଚାର ସରଗରମ ହୋଇଯାଇଥିବାବେଳେ ବିଭିନ୍ନ ସ୍ଥାନରେ ରାଜନୈତିକ ହିଂସା ଦେଖିବାକୁ ମିଳ ଆକ୍ରମଣରେ ଦୁଇଜଣ ଭାଜପା ନେତା ଆହତ ହୋଇଛନ୍ତି। ସେମାନେ ହେଲେ ଭୁବନେଶ୍ୱରର ଭାଜପା ସାଧାରଣ ସମ୍ପାଦକ ସୁଶାନ୍ତ ସାବତ ଓ ଚନ୍ଦ୍ରଶେଖରପୁର ଭାଜପା ମଣ୍ଡଳ ସଭାପତି ମାନସୀ ରଞ୍ଜନ ରାୟ।

ସୂଚନା ମୁତାବକ, ବୁଧବାର ମଧ୍ୟାହ୍ନରେ ଉତ୍ତର ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ଅପରାଜିତା ମହାନ୍ତି ଅନ୍ୟ ନେତୃବୃନ୍ଦ ଓ କର୍ମୀଙ୍କ ସହ ନୀଳାଦ୍ରିବିହାର ଅଞ୍ଚଳରେ ପ୍ରଚାର କରୁଥିଲେ। ମଙ୍ଗଳାବସ୍ତିକୁ ପ୍ରଚାର ଯାଉଥିବାବେଳେ କେତେଜଣ ଯୁବକ ଏହାକୁ ବିରୋଧ କରି ଭିତରକୁ ପ୍ରବେଶ କରିବାକୁ ଦେଇ ନ ଥିଲେ। ଏହାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବଚସା ଓ ପରେ ଧସ୍ତାଧସ୍ତି ହୋଇଥିଲା। ସମ୍ପୃକ୍ତ ଯୁବକମାନେ ସଂଘବଦ୍ଧ ଭାବେ ନିର୍ଦ୍ଦିଷ୍ଟ କେତେଜଣ ଭାଜପା ନେତାଙ୍କୁ ଆକ୍ରମଣ କରିଥିଲେ। ସେମାନଙ୍କ ମାଡ଼ରେ ଭୁବନେଶ୍ୱରର ଭାଜପା ସାଧାରଣ ସମ୍ପାଦକ ସାବତ ଓ ଚନ୍ଦ୍ରଶେଖରପୁର ଭାଜପା ମଣ୍ଡଳ ସଭାପତି ମାନସୀ ଆହତ ହୋଇଛନ୍ତି। ଏ ନେଇ ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ କହିଛନ୍ତି, ଯେଉଁମାନଙ୍କ ନାମରେ ଅଭିଯୋଗ କରାଯାଇଛି ପୋଲିସ ସେମାନଙ୍କୁ ଚିହ୍ନଟ କରିବା ସହ ଶୀଘ୍ର ଗିରଫ କରି କାର୍ଯ୍ୟାନୁଷ୍ଠାନ ନେବ।

# ଶତପ୍ରତିଶତ ମତଦାନ ଲାଗି 'ମୋ ଭୋଟ ମୋ ଅଧିକାର' ଅଭିଯାନ

**ଭୁବନେଶ୍ୱର,୧୭।୪(ବ୍ୟୁରୋ)**

ଶତ ପ୍ରତିଶତ ମତଦାନ ଲାଗି ସାମାଜିକ ସଙ୍ଗଠନ 'ୟେସ୍ ଉଇ କ୍ୟାନ୍'ର 'ମୋ ଭୋଟ ମୋ ଅଧିକାର' ଅଭିଯାନ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ ଓ ଅନ୍ୟାନ୍ୟ ଅତିଥି ଭାବେ ଆଇଏସ୍‌ଡିର ପ୍ରତିଷ୍ଠାତା ଶୁଭଶ୍ରୀ ଦାସ, ଏନ୍‌ଆଇଆଇଏସ୍ କଲେଜ ପ୍ରଫେସର ଆଇ.ବି. ରାଓ, ଅଧ୍ୟାପକ ଜୟଶ୍ରୀବାଳା ମଲ୍ଲିକ, ସୁଜାତା ସିଂ ଯୋଗଦେଇଥିଲେ। ମୋ ଭୋଟ ମୋ ଅଧିକାର ଅଭିଯାନକୁ ସଫଳ କରିବା ଏବଂ ପ୍ରତ୍ୟେକ ଜନସାଧାରଣଙ୍କ ନିକଟରେ ଏହି ସଚେତନତା ବାର୍ତ୍ତାକୁ ପହଞ୍ଚାଇବା ପାଇଁ ପ୍ରଚେଷ୍ଟା କରାଯାଉଛି ବୋଲି ଅତିଥିମାନେ କହିଥିଲେ। ଏଥିରେ ବହୁ ବୁଦ୍ଧିଜୀବୀ, ବିଭିନ୍ନ ସାମାଜିକ ସଙ୍ଗଠନର ନେତୃବୃନ୍ଦ ଏବଂ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ 'ୟେସ୍ ଉଇ କ୍ୟାନ୍'ର ପୃଥ୍ୱୀରାଜ ପରିଚାଳନା କରିଥିଲେ।

# ରାଷ୍ଟ୍ର ଗଠନ ପାଇଁ ଦାୟିତ୍ୱବୋଧ ଭାବେ ଲେଖନୀ ଚାଳନା ଜରୁରୀ

**ଭୁବନେଶ୍ୱର,୧୭।୪(ବ୍ୟୁରୋ)**

ସବୁଜିମାମୟ ଓଡ଼ିଶା ଓ ବିକାଶଶୀଳ ରାଷ୍ଟ୍ର ଗଠନ ପାଇଁ ଗଣମାଧ୍ୟମ ଛାତ୍ରୀଛାତ୍ର ଦାୟିତ୍ୱବୋଧ ଭାବେ ଲେଖନୀ ଚାଳନା କରିବା ଦରକାର। ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗକୁ ପାଠ୍ୟକ୍ରମ ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ପାଇଁ ସମ୍ବଳର ଅଭାବ ରହିବ ନାହିଁ ବୋଲି ଉତ୍କଳ ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ବ୍ରହ୍ମାନନ୍ଦ ଶତପଥୀ କହିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ପକ୍ଷରୁ ବୁଧବାର ବିଶ୍ୱବିଦ୍ୟାଳୟ ଅଡିଟୋରିୟମ୍‌ରେ 'ଆଫିନିଟି ୨୦୧୯' ଉତ୍ସବରେ ପ୍ରଫେସର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସଂଯୋଜିକା ପ୍ରଫେସର ସ୍ୱର୍ଣ୍ଣମୟୀ ତ୍ରିପାଠୀଙ୍କ ସଭାପତିତ୍ୱରେ ଲୋକ ପ୍ରଶାସନ ବିଭାଗ ମୁଖ୍ୟ ପ୍ରଫେସର ପଦ୍ମାଳୟା ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ମିସେସ୍ ଇଣ୍ଡିଆ ଗ୍ଲୋବାଲ ପୁଫୁଲ ଭୂୟାଁ, ଅଭିନେତା ସୁଜିତ୍ ପାଇକରାୟ, ବୈକୁଣ୍ଠନାଥ ସ୍ୱାଇଁ, ମିନତି ଭୋଳ ଓ ଶ୍ରୀଧର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାମ୍ବାଦିକତା ଓ ଗଣ ଯୋଗାଯୋଗ ପାଠ୍ୟକ୍ରମର ସହଯୋଗୀ ସଂଯୋଜକ ଡ. ରମାକାନ୍ତ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ବନ୍ଦ ହୋଟେଲରୁ ମ୍ୟାନେଜରଙ୍କ ଗଳିତ ମୃତଦେହ ଉଦ୍ଧାର

**ଭୁବନେଶ୍ୱର, ୧୭।୪ (ବ୍ୟୁରୋ)**

ନୟାପଲ୍ଲୀ ଥାନା ଅନ୍ତର୍ଗତ ଇନ୍ଦ୍ରଧନୁ ମାର୍କେଟ କମ୍ପ୍ଲେକ୍ସରେ ଥିବା ଏକ ହୋଟେଲରୁ ମ୍ୟାନେଜରଙ୍କ ଗଳିତ ମୃତଦେହକୁ ପୋଲିସ ବୁଧବାର ଉଦ୍ଧାର କରିଛି। ମୃତକ ହେଲେ ଖୋର୍ଦ୍ଧା ଜିଲା ପୋଡ଼ପାଟଣା ଗ୍ରାମର ଜଗନ୍ନାଥ ସୁବୁଦ୍ଧିଙ୍କ ପୁଅ ଶିବରାମ ସୁବୁଦ୍ଧି(୪୮)। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି କୁହାଯାଉଥିବାବେଳେ ପୋଲିସ ଏନେଇ ୫୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଶିବରାମ ଉକ୍ତ ହୋଟେଲର ସମସ୍ତ ପରିଚାଳନା କାର୍ଯ୍ୟ ତୁଲାଉଥିଲେ। ଗତ ୪ଦିନ ହେବ ହୋଟେଲ ବନ୍ଦ ଥିବାବେଳେ ବୁଧବାର ଭିତରୁ ଦୁର୍ଗନ୍ଧ ବହାରିଥିଲା। ଏ ନେଇ ସ୍ଥାନୀୟ ଲୋକେ ହୋଟେଲ ନିକଟରେ ପହଞ୍ଚିଥିଲେ। ମାତ୍ର ତାହା ବନ୍ଦ ଥିବାରୁ ସନ୍ଦେହ କରି ସେମାନେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚିବା ପରେ କବାଟ ତାଡି ଭିତରକୁ ପଶିଥିଲା। ଏକ ମୃତଦେହ ତଳେ ପଡ଼ିଥିବା ଓ ତାହା ପଚିଶଢ଼ି ଦୁର୍ଗନ୍ଧ ବାହାରୁଥିଲା। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ଏ ସଂକ୍ରାନ୍ତରେ ଥାନା ଅଧିକାରୀ ଅରୁଣ କୁମାର ସ୍ୱାଇଁ କହିଛନ୍ତି, କବାଟ ଭିତରୁ ବନ୍ଦଥିବାବେଳେ ପ୍ରାଥମିକ ତଦନ୍ତ ଓ ପାରିପାର୍ଶ୍ୱିକ ପରିସ୍ଥିତିରୁ ସେ ଆତ୍ମହତ୍ୟା କରିଥିବା ନେଇ ସନ୍ଦେହ କରାଯାଉଛି। ପୁରୀରେ ରହୁଥିବା ହୋଟେଲ ମାଲିକଙ୍କୁ ଏ ନେଇ ଖବର ଦିଆଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ସେ କହିଛନ୍ତି।

# ପାହାଳ, ହଂସପାଳ ଛକରେ ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ

**ବାଲିଅନ୍ତା,୧୭।୪(ଡି.ଏନ୍.ଏ.)**



ହାଇଟେକ ବସରେ ମୁଖ୍ୟମନ୍ତ୍ରୀ ପ୍ରଚାର କରୁଛନ୍ତି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦେଖିବାପାଇଁ ଜନସମାଗମ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ରାତିରେ କଟକରୁ ପ୍ରଚାର ସାରି ଫେରିବା ସମୟରେ ଭୁବନେଶ୍ୱର ମହାନଗର ନିଗମର ୪ନଂ ୱାର୍ଡ ଅଧୀନ ପାହାଳ ଓ ହଂସପାଳ ଛକରେ କିଛି ସମୟ ପାଇଁ ଅଟକିଥିଲେ। ମୁଖ୍ୟମନ୍ତ୍ରୀ ୯ଟା ୪୦ରେ ପାହାଳରେ ପହଞ୍ଚିବା ପରେ ସେଠାରେ ୫ମିନିଟ ପାଇଁ ରହି ହାଇଟେକ ବସ ଭିତରେ ଥାଇ ଉପସ୍ଥିତ ଶତାଧିକ ଲୋକଙ୍କୁ ସଂକ୍ଷିପ୍ତ ଭାଷଣ ଦେଇଥିଲେ। ସେଠାରେ ଉପସ୍ଥିତ ଭୁବନେଶ୍ୱର ଏମ୍‌ପି ପ୍ରାର୍ଥୀ ଅରୂପ ପଟ୍ଟନାୟକ ଓ ଉତ୍ତର ବିଧାୟକ ପ୍ରାର୍ଥୀ ସୁଶାନ୍ତ ରାଉତଙ୍କୁ ଜିତାଇବା ପାଇଁ ନିବେଦନ କରିଥିଲେ। ଏହାପରେ ହଂସପାଳ ଛକରେ ମଧ୍ୟ ୫ମିନିଟ ପାଇଁ ଅଟକି ଥିଲେ। ମୁଖ୍ୟମନ୍ତ୍ରୀଙ୍କ ଆସିବା ଖବର ଶୁଣି ଦୀର୍ଘ ୪ଘଣ୍ଟା ଧରି ରାସ୍ତାପାର୍ଶ୍ୱରେ ଠିଆ ହୋଇଥିବା ଶହ ଶହ ଲୋକେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପାଖରେ ଦେଖି ଖୁସି ବିଭୋର ହୋଇଯାଇଥିଲେ। ୱାର୍ଡ ନଂ ୧୦, ୫ ଓ ୪ରୁ ଆସିଥିବା ଶତାଧିକ ମହିଳାମାନେ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ।। ମୁଖ୍ୟମନ୍ତ୍ରୀ ହାଇଟେକ ବସର ଛାତ ଉପରକୁ ଉଠି ଜୟ ଜଗନ୍ନାଥ ପ୍ରିୟ ଓଡ଼ିଶାବାସୀ, ଆପଣମାନେ ଖୁସି ତ' ବୋଲି ଅଭିଭାଷଣ ଦେଇଥିଲେ। ୧୦ନଂ ୱାର୍ଡର ପୂର୍ବତନ କର୍ପୋରେଟର ପ୍ରଣତି ନାୟକ ସମେତ ଯୁବନେତା ଦୀପକ କୁମାର ସାମନ୍ତରାୟ, ସ୍ୱାକ୍ଷରଞ୍ଜନ ମହାନ୍ତି, ଦାଶରଥି ନାୟକ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ରୋଡ ଶୋକୁ ଦେଖିବା ପାଇଁ ଶତାଧିକ ଲୋକଙ୍କ ଭିଡ ହୋଇଥିବାରୁ କିଛି ସମୟ ପାଇଁ ଟ୍ରାଫିକ ସମସ୍ୟା ଦେଖାଯାଇଥିଲା। ଏଥିପାଇଁ ପୋଲିସକୁ ନାକେଦମ ହେବାକୁ ପଡ଼ିଥିଲା। ଘଟଣାସ୍ଥଳରେ ନିଜେ ଡିସିପି ଅନୁପ କୁମାର ସାହୁ ଉପସ୍ଥିତ ରହି ଟ୍ରାଫିକ ସମସ୍ୟାକୁ ନିୟନ୍ତ୍ରଣ କରିଥିଲେ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ଏପ୍ରିଲ୍ ୧୮/୨୦୧୯ Bhubaneswar, Thursday, April 18/2019




# ଗୋସାଗରେଶ୍ୱର ଛକରେ ଅଟକିଲା ରୁକୁଣା ରଥ

**ପୁରୁଣା ଭୁବନେଶ୍ୱର, ୧୭।୪(ଡି.ଏନ.ଏ.)**

ମହାପ୍ରଭୁ ଶ୍ରୀଲିଙ୍ଗରାଜ ୫ ଦିନାତ୍ମକ ରୁକୁଣା ରଥଯାତ୍ରା ସାରି ବାହୁଡା ଅବସରରେ ମାଉସୀ ମା' ମନ୍ଦିରରୁ ସ୍ୱମନ୍ଦିର ଅଭିମୁଖେ ବୁଧବାର ଯାତ୍ରା କରିଛନ୍ତି। ମାଉସୀ ମା' ମନ୍ଦିରରୁ ରଥଦାଣ୍ଡର ଅନତି ଦୂରରେ ଆସି ଗୋସାଗରେଶ୍ୱର ଛକଠାରେ ସୂର୍ଯ୍ୟାସ୍ତ ହୋଇଯିବାରୁ ସାରଥି ରଥଟଣାକୁ ବନ୍ଦ କରିଥିଲେ। ଫଳରେ ବାଟରେ ରଥ ଅଟକି ରହିଛି। ମଙ୍ଗଳବାର ରଥର ପ୍ରଭା ଓ ଇଶ ବଦଳାଇଥିଲେ ମହାରଣା ସେବାୟତ। ପ୍ରଶାସନର ସମୟ ନିର୍ଘଣ୍ଟ ଅନୁସାରେ ଅପରାହ୍ନ ସାଢେ ୩ଟାରେ ରଥଟଣା ଯିବ ବୋଲି କୁହାଯାଇଥିଲା। ହେଲେ ରାମେଶ୍ୱର ମନ୍ଦିରରୁ ପ୍ରଭୁ ଶ୍ରୀଲିଙ୍ଗରାଜ, ଭଉଣୀ ରୁକୁଣା ଦେବୀ, ଦୋଳଗୋବିନ୍ଦଙ୍କ ଚଳନ୍ତି ପ୍ରତିମାଙ୍କୁ ସେବାୟତମାନେ ପହଣ୍ଡି କରି ୩ଟା ୪୫ ମିନିଟ୍‌ରେ ରଥାରୂଢ଼ କରାଇଥିଲେ। ଶ୍ରୀଜୀଉମାନେ ରଥାରୂଢ଼ ହେବା ପରେ ୩ଟା ୫୫ମିନିଟ୍‌ରେ ଘୋଡ଼ା ବନ୍ଧା ଯାଇଥିଲା। ପରେ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇ ଅପରାହ୍ନ ୫ଟା ୧୫ମିନିଟ୍‌ରେ ରଥଟଣା ଆରମ୍ଭ ହୋଇଥିଲା। ଶତାଧିକ ପୋଲିସ ଏବଂ ଶ୍ରଦ୍ଧାଳୁମାନେ ରଥକୁ ଟାଣି ନେଇଥିଲେ।




ଗୋସାଗରେଶ୍ୱର ଛକରେ ପହଞ୍ଚିଥିବା ରୁକୁଣା ରଥ।

ରଥଦାଣ୍ଡର ଅଧାରେ ଅଟକି ଥିବା ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ ଗୁରୁବାର ରଥ ଖଳାରେ ପହଞ୍ଚିବ। ତେବେ ୬ ଦିନ ପଡୁଥିବାରୁ ପୌରାଣିକ ମତେ ଶ୍ରୀଜୀଉମାନଙ୍କୁ ଶୁକ୍ରବାର ସ୍ୱର୍ଣ୍ଣାଦ୍ରି ବିଜେ କରାଯିବାକୁ ସ୍ଥିର ହୋଇଥିବା ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ରୁକୁଣା ରଥଯାତ୍ରାରେ ଚଳିତବର୍ଷ ବହୁ ବ୍ୟତିକ୍ରମ ପରିଲକ୍ଷିତ ହୋଇଥିଲା। ଯାତ୍ରା ଆରମ୍ଭରୁ ଦିଅଁମାନେ ରଥାରୂଢ଼ ହେବା ପରେ ୩ ଦିନ ଲାଗିଥିଲା ମାଉସୀ ମା' ମନ୍ଦିର ରାମେଶ୍ୱରରେ ପହଞ୍ଚିବାକୁ। ଯାହାକୁ ସାଧାରଣରେ ନାପସନ୍ଦ କରାଯାଇଥିଲା। ଏଭଳି ବ୍ୟତିକ୍ରମ ୫୦ ବର୍ଷ ତଳେ ହୋଇଥିବା ପୂର୍ବତନ ସାରଥି ନରସିଂହ ଖୁଣ୍ଟିଆ କହିଥିଲେ।

## ରଥ ଦଉଡ଼ିରେ ଛନ୍ଦି ହୋଇ ଜଣେ ଆହତ

ରଥ ଗଡ଼ିକି ଯାଉଥିବାବେଳେ ରଥଦାଣ୍ଡର ବାରିକସାହିଠାରେ ରଥଚକାରେ ଖରଡ଼ା ସେବାୟତମାନେ ମାଡ଼ିରେ ଚକା ଠେଲୁଥିଲେ। ହଠାତ୍ ରଥଟି ଗଡ଼ିଯିବାରୁ ରଥ ଦୌଡ଼ିରେ ଛନ୍ଦି ହୋଇଯାଇଥିଲା। ଫଳରେ ନିକଟରେ ଥିବା ମହିଳା ସାମାଜିକ କର୍ମୀ ଶାନ୍ତି ମହାପାତ୍ର ଆହତ ହୋଇଥିଲେ। ଅନ୍ୟଜଣେ ସ୍କାଉଟ୍ ଛାତ୍ର ଖସି ପଡ଼ିବାବେଳେ ଖରଡ଼ା ସେବାୟତ ବୈକୁଣ୍ଠ ଭୋଇ ତାଙ୍କୁ ରକ୍ଷା କରିଥିଲେ।

# ଚଇତି ପର୍ବ: ସର୍ବମଙ୍ଗଳା ବେଶରେ ଦର୍ଶନ ଦେଲେ ମା'

**କଣାସ,୧୭।୪(ଡି.ଏନ.ଏ./ ସ୍ୱ.ପ୍ର.)**

ପୁରୀ ଜିଲା କଣାସ ବ୍ଲକ ଜଳିଆପଡାସ୍ଥିତ ମାତୃଶକ୍ତି ପୀଠରେ ଆରମ୍ଭ ହୋଇଥିବା ଚଇତି ପର୍ବର ବୁଧବାର ଥିଲା କଳସ ଯାତ୍ରା। ୧୦ ହଜାରରୁ ଊର୍ଦ୍ଧ୍ୱ ମାନସିକଧାରୀ ଓ ଭକ୍ତ କଳସ ଯାତ୍ରାରେ ସାମିଲ ହୋଇ ଦୋକନ୍ଦାସ୍ଥିତ ଦୟାନଦୀ ଘାଟରୁ ଜଳ ଉଠାଇଥିଲେ। ଘଣ୍ଟାଘଣ୍ଟ ବାଜାବାଣ ଶଙ୍ଖଧ୍ୱନୀ, ହରିବୋଲ, ହୁଳହୁଳି ଓ ସଂକୀର୍ତ୍ତନ ତଥା ବ୍ରାହ୍ମଣଙ୍କ ମନ୍ତ୍ରଧ୍ୱନୀରେ ଉତ୍ସବ ମୁଖରିତ ହୋଇଥିଲା ପରିବେଶ। ନାଗାନାଚ, ଘୋଡା ନାଚ, ବୃଷଭ ବାହନ,ପାଇକ ନାଚ ଓ ବରଗଡର ଘଣ୍ଟବାଦ୍ୟ ରାଜରାସ୍ତାକୁ ପ୍ରକମ୍ପିତ କରିଥିଲା। ଜଳିଆପଡା ଓ କଣାସ ଗ୍ରାମ ଦେଇ ଜଳେଶ୍ୱରୀ ଠାକୁରାଣୀ ଜଳଯାତ୍ରାକୁ ଯିବାବେଳେ ରାଜରାସ୍ତାରେ ପାହାଡା ପକାଇ ଠାକୁରାଣୀଙ୍କୁ ଆବାହାନ କରିବା ସହ ଲୋକେ ଟାଚେରି ଭୋଗ ଲାଗି କରିଥିଲେ। ଛୋଟରୁ ବଡ ବ୍ୟକ୍ତିମାନେ ଅଧିଆପଡି କୃପାଭିକ୍ଷା କରିଥିଲେ। କଣାସ ପୋଲିସ ରାସ୍ତାର ବିଭିନ୍ନ ସ୍ଥାନରେ ରହି ଶାନ୍ତିଶୃଙ୍ଖଳା ରକ୍ଷାକରିଥିବା ବେଳେ ଦମକଳବାହିନୀ, ସ୍ୱାସ୍ଥ୍ୟକର୍ମଚାରୀ, ପାନୀୟଜଳ ଯୋଗାଣର ବିଭାଗର କର୍ମକାରୀମାନେ ପୂର୍ଣ୍ଣସହଯୋଗ କରୁଥିବା ଦେଖିବାକୁ ମିଳିଥିଲା। କଳସଧାରୀମାନେ ଶକ୍ତିପୀଠରେ ପହଞ୍ଚିବା ପରେ ମା' ମଙ୍ଗଳାଙ୍କୁ ପହଣ୍ଡି କରାଯାଇ ଯଜ୍ଞବେଦୀରେ ବିରାଜମାନ କରାଇଥିଲେ। ପୂଜକ, ସେବକ, ପଣ୍ଡିତ ଓ ବ୍ରାହ୍ମଣମାନେ ଯଜ୍ଞକର୍ମ ସମ୍ପାଦନ କରିଥିଲେ। ସକାଳୁ ମା'ଙ୍କ ଅବକାଶ ନୀତି ପରେ ବେଶ କରାଯାଇ ମନ୍ଦିର ସାହାଣ ମେଳା କରାଯାଇଥିଲା।



ସନ୍ଧ୍ୟାରେ ଆହୁତି ପରେ ପୀଠରେ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ, କୀର୍ତ୍ତନ, ପ୍ରବଚନ ଓ କାଳିୟଦଳନ ରାମନାଟକ ଅନୁଷ୍ଠିତ ହେଉଛି।








1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୮ ଏପ୍ରିଲ, ୨୦୧୯



ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରଭୁ ଗୋରେଖନାଥଙ୍କ ହୁଣ୍ଡିରୁ ୫ ଲକ୍ଷ ୪୮୦ ଟଙ୍କା ଆୟ ହୋଇଛି। ବୁଧବାର ପୂର୍ବାହ୍ନରେ ଟ୍ରଷ୍ଟ ବୋର୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ ସଂଗ୍ରାମ କେଶରୀ ଭଳଙ୍କ ଉପସ୍ଥିତିରେ ଗୋରେଖନାଥଙ୍କ ସମ୍ମୁଖରେ ଥିବା ଦୁଇଟି ଦାନବାକ୍ସ ଖୋଲାଯାଇ ଗଣତି କରାଯାଇଥିଲା।



## ସଂକ୍ଷେପରେ

### ବାଙ୍କୀରେ ବିଜେଡିର ରୋଡ୍ ଶୋ'

**ନରାଜ/କଟକ ଅଫିସ, ୧୭।୪:** ବୁଧବାର ବାଙ୍କୀ ନିର୍ବାଚନମଣ୍ଡଳୀର ୩୨ ନଂ. ଜୋନ୍‌ରେ ବିଜେଡି ପକ୍ଷରୁ ରୋଡ୍ ଶୋ' କରାଯାଇଛି। ବହୁ ସଂଖ୍ୟକ ବିଜେଡି କର୍ମୀ ଓ ସମର୍ଥକ ବାରଙ୍ଗ ଝୁନ୍‌ଝୁନ୍‌ୱାଲା ବିଦ୍ୟାପୀଠଠାରେ ପୂଜାପାଠ କରି ବାଇକ୍ ଶୋଭାଯାତ୍ରାରେ ଦାଢ଼ାପାଟଣା ପଞ୍ଚାୟତ, ଶ୍ରୀବନ୍ତପୁର, ମଧୁପୁର, ବେଲଗଛିଆ, କୁହ୍ନେଇପଡା, ରାମଦାସପୁର, ନରାଜ ଓ ମୁଣ୍ଡଳୀ ପଞ୍ଚାୟତର ବିଭିନ୍ନ ଗ୍ରାମରେ ରୋଡ ଶୋ କରିଥିଲେ। ଦୁଇଟି ଖୋଲା ଜିପ୍‌ରେ ବିଜେଡି କଟକ ଲୋକ ସଭା ପ୍ରାର୍ଥୀ ଭର୍ତ୍ତୃହରି ମହତାବ, ବିଧାୟକ ପ୍ରଭାତ ତ୍ରିପାଠୀ, ବିଧାୟକ ପ୍ରାର୍ଥୀ ଦେବୀ ରଞ୍ଜନ ତ୍ରିପାଠୀ ପ୍ରମୁଖ ପରିକ୍ରମା କରିଥିଲେ। ଏଥିରେ ଜିଲା ପରିଷଦ ସଭ୍ୟା ସସ୍ମିତା ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ରମାକାନ୍ତ ରାଉତ, ମଧୁପୁର ସରପଞ୍ଚ ସୁମିନା ପ୍ରଧାନ, ବେଲଗଛିଆ ସରପଞ୍ଚ ମାନିନୀ ସାହୁ, ସନ୍ତୋଷ ପାଣି ପ୍ରମୁଖ ଯୋଗଦେଇଥିଲେ।

### ମଦ ଜବତ, ଜଣେ ଗିରଫ

**ସାଲେପୁର, ୧୭।୪ (ଡି.ଏନ.ଏ.):** ସାଲେପୁର ଥାନା ତଥା ଜପକୁଦ ଫାଣ୍ଡି ଅଧୀନ ନରଦା ପଞ୍ଚାୟତ କୁଅଁରପୁର ମଙ୍ଗଳାସାହିର ଏକ ପାନ ଦୋକାନରୁ ବୁଧବାର ପୋଲିସ ଚୋରାମଦ ଜବତ କରିଛି। ଏଥିସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଗ୍ରାମର ପ୍ରଭାକର ପ୍ରଧାନ(୫୫)। ଫାଣ୍ଡି ଅଧିକାରୀ ବ୍ରଜକିଶୋର ଦକ୍ଷିଣ କବାଟଙ୍କ ସୂଚନା ଅନୁସାରେ ପାନଦୋକାନରେ ଚୋରାମଦ କାରବାର ହେଉଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଏ ନେଇ ଏକ ମାମଲା ନଂ. ୮୫/୧୯ ରୁଜୁ କରାଯାଇ ଅଭିଯୁକ୍ତ ପ୍ରଭାକରଙ୍କୁ କୋର୍ଟଚାଲାଣ କରାଯାଇଛି।

### ଏସ୍‌ୟୁସିଆଇ(ସି) ପକ୍ଷରୁ ନିର୍ବାଚନୀ ପ୍ରଚାର

**କଟକ ଅଫିସ, ୧୭।୪:** ଏସ୍‌ୟୁସିଆଇ (ସି)ର ଚୌଦ୍ୱାର-କଟକ ବିଧାୟିକା ପ୍ରାର୍ଥୀ ସସ୍ମିତା ମହାନ୍ତି ଓ ବାରବାଟୀ-କଟକ ବିଧାନସଭା ପ୍ରାର୍ଥୀ ପ୍ରିୟଦର୍ଶନ ପାଭେଲ ବୁଧବାର ସହରର ବିଭିନ୍ନ ସ୍ଥାନରେ ପ୍ରଚାର କରିଛନ୍ତି। କଟକ ଲୋକ ସଭା ପ୍ରାର୍ଥୀଙ୍କ ସମର୍ଥନରେ ସହରର ବିଭିନ୍ନ ସ୍ଥାନରେ ପ୍ରଚାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟା ରେ ବାଦାମବାଡିରୁ ଲିଙ୍କ୍‌ରୋଡ ଯାଏ ପଦଯାତ୍ରା ସହ ନିର୍ବାଚନୀ ପାଣ୍ଠି ସଂଗ୍ରହ କରିଥିଲେ। ଜାଇକା ପ୍ରକଳ୍ପଜନିତ ସମସ୍ୟାକୁ ଦୃଷ୍ଟିରେ ରଖି ସେମାନେ କହିଥିଲେ, ସହରବାସୀଙ୍କୁ ଜଳବନ୍ଦୀ ସମସ୍ୟାରୁ ମୁକ୍ତ କରିବା ଘୋଷିତ ଲକ୍ଷ୍ୟରେ ୨୦୧୩ରେ କଟକରେ ଜାଇକା ପ୍ରକଳ୍ପ ପ୍ରାୟ ୭ଶହ କୋଟି ଟଙ୍କା ବ୍ୟୟରେ ଆରମ୍ଭ ହୋଇଥିଲା। କିନ୍ତୁ ଅଦ୍ୟାବଧି ଏହି ପ୍ରକଳ୍ପ ଅଧାପନ୍ତରିଆ ପଡିରହିଛି। ଇତିମଧ୍ୟରେ ପ୍ରକଳ୍ପ ଖର୍ଚ୍ଚ ୩ହଜାର କୋଟିରେ ପହଞ୍ଚିଲାଣି। କାମ କେବେ ଶେଷ ହେବ ଏବଂ ପ୍ରକଳ୍ପ ଖର୍ଚ୍ଚ କେଉଁଠି ପହଞ୍ଚିବ ସେ ସମ୍ପର୍କରେ ସହରବାସୀ ସମ୍ପୂର୍ଣ୍ଣ ଅନ୍ଧକାରରେ। ଏଭଳି ପରିସ୍ଥିତିରେ କଟକ ସହରର ଜନସାଧାରଣଙ୍କୁ ଜଳବନ୍ଦୀରୁ ମୁକ୍ତ କରିବା ପାଇଁ ଏସ୍‌ୟୁସିଆଇ(ସି)ର ପ୍ରାର୍ଥୀଙ୍କୁ ଭୋଟ ଦେଇ ଜିତାଇବାକୁ ଜନସାଧାରଣଙ୍କୁ ନିବେଦନ କରୁଥିବାର ଦେଖାଯାଇଥିଲା।

### ଦୀପାଳି ସିହ୍ନାରାୟ ସ୍ମାରକୀ ବ୍ୟାଖ୍ୟାନ ବକ୍ତୃତା

**କଟକ ଅଫିସ, ୧୭।୪:** ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କନ୍‌ଭେନ୍‌ସନ ହଲ୍‌ର ଆନେକ୍ସ-୧ରେ ଦିପାଳୀ ସିହ୍ନାରାୟ ସ୍ମାରକୀ ବ୍ୟାଖ୍ୟାନ ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ରାଜେନ୍ଦ୍ର ପ୍ରସାଦ ଦାସ ଓ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଈଶାନ ପାତ୍ର ଯୋଗଦେଇଥିଲେ। ଡ. ସୁଦର୍ଶନ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଅଧାପକ ଡ. ଶରତ ଚନ୍ଦ୍ର ରାଉତ ଯୋଗଦେଇ ଡ. ଦିପାଳୀ ସିହ୍ନାରାୟଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷା ସ୍ନାତକୋତ୍ତର ପ୍ରଥମ ବର୍ଷ ଶିକ୍ଷାର୍ଥୀ ତପସ୍ୱିନୀ ଖୁଣ୍ଟିଆଙ୍କୁ ଦିପାଳୀ ସିହ୍ନାରାୟ ମେରିଟ୍ ମେଧାବୃତ୍ତି ପ୍ରଦାନ କରାଯାଇଥିଲା। ଅଧାପକ ଡ. ବିକଳି ଚରଣ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଡ. ନୀନା ଦାଶ ଧନ୍ୟବାଦ ଦେଇଥିଲେ। ବରିଷ୍ଠ ଅଧିକାରୀ ପଦନ ଜେନା, ପ୍ରଫେସର ପ୍ରୀତିରେଖା ଦାସ ପଟ୍ଟନାୟକ, ସଞ୍ଜୟ ଶତପଥୀ, ଅସୀମା ସାହୁ, ଡ. କିଶୋର ଦାସ, ଡ. ଅଶୋକ ଦଂଶାନାଙ୍କ ସମେତ ଛାତ୍ରାଛାତ୍ର ଉପସ୍ଥିତ ଥିଲେ।

■ ମୈତ୍ରୀ ସଂସଦ ପକ୍ଷରୁ ମାସିକ ସମୀକ୍ଷା ବୈଠକ

# ପାନୀୟଜଳ ସମସ୍ୟାକୁ ନେଇ ଉଦ୍‌ବେଗ

**କଟକ ଅଫିସ, ୧୭।୪**

■ ହାଇକୋର୍ଟଙ୍କ ନିର୍ଦ୍ଦେଶନାମା ପାଳନ ନ ହେବାରୁ ମିଳୁନି ବିଶୁଦ୍ଧ ଜଳ

■ ସିଏମ୍‌ସି ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରିବାକୁ ଦାବି

ସାମାଜିକ ସଙ୍ଗଠନ ମୈତ୍ରୀ ସଂସଦ ପକ୍ଷରୁ ଚଳିତ ମାସର ସମୀକ୍ଷା ବୈଠକ ଓ ଆଲୋଚନାଚକ୍ର ସୂତାହାଟସ୍ଥିତ ସଂସଦର କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ତଥା ଆଇନଜୀବୀ ଅଜୟ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସଂସଦ ପକ୍ଷରୁ ପୂର୍ବ ନିଷ୍ପତ୍ତିଗୁଡ଼ିକର ସମୀକ୍ଷା କରାଯିବା ସହ କଟକ ସହର ତଥା ରାଜ୍ୟର ସାମ୍ପ୍ରତିକ ପ୍ରମୁଖ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶନାମାକୁ ପାଳନ ନ କରିବା ଫଳରେ କଟକ ସହରବାସୀ ବିଶୁଦ୍ଧ ପାନୀୟଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ହାଇକୋର୍ଟଙ୍କ ଉପରୋକ୍ତ ନିର୍ଦ୍ଦେଶକୁ ପାଳନ କରିବାରେ କଟକ ମହାନଗର ନିଗମ ବିଫଳ ହୋଇଛି। ୨୦୧୯ ଗ୍ରୀଷ୍ମଋତୁ ସମୟରେ କଟକ ସହରବାସୀଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇଦେବା ପାଇଁ କିଭଳି ବ୍ୟବସ୍ଥା ଗ୍ରହଣ କରାଯାଉଛି ତାହା ସୁନିଶ୍ଚିତ କରି ଅବଗତ କରାଇବା ପାଇଁ ହାଇକୋର୍ଟ ସିଏମ୍‌ସିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ମହାନଗର ନିଗମ ଏ ପର୍ଯ୍ୟନ୍ତ ହାଇକୋର୍ଟଙ୍କ ଉକ୍ତ ନିର୍ଦ୍ଦେଶକୁ ପାଳନ କରିନି। ଫଳରେ କଟକ ସହରରେ ପାନୀୟଜଳ ସଙ୍କଟର ଆଶଙ୍କା ଦେଖାଦେଇଛି। ଏଣୁ ସିଏମ୍‌ସି ତୁରନ୍ତ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ପାଳନ କରିବାକୁ ବୈଠକରେ ଦାବି କରାଯାଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଦୀର୍ଘ ୬ ବର୍ଷ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସହରରେ ଥିବା ଜଳାଶୟଗୁଡ଼ିକର ପୁନରୁଦ୍ଧାର କାର୍ଯ୍ୟ ହୋଇନାହିଁ। ଏଥିଯୋଗୁ ଆସନ୍ତା ବର୍ଷା ଋତୁରେ ସହରବାସୀ ଜଳବନ୍ଦୀ ହୋଇ ରହିବା ସୁନିଶ୍ଚିତ ହୋଇପଡ଼ିଛି। ଗତ ଜାନୁୟାରୀ ୯ ତାରିଖରେ ଜିଲାପାଳ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରିବା ପାଇଁ ସିଏମ୍‌ସି କମିଶନରଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସେ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ବୈଠକରେ ଅଭିଯୋଗ ହୋଇଛି। ଆସନ୍ତା ବର୍ଷାଋତୁ ପୂର୍ବରୁ ସହରରେ ଥିବା ସମସ୍ତ ଜଳାଶୟର ଯଦି ପୁନରୁଦ୍ଧାର କାର୍ଯ୍ୟ ଶେଷ କରା ନ ଯାଏ ତେବେ ସହରର ବିଭିନ୍ନ ସ୍ଥାନରେ ଭୟଙ୍କର ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହେବ। ଏଣୁ ବର୍ଷା ଋତୁର ଯଥେଷ୍ଟ ପୂର୍ବରୁ ସହରରେ ଥିବା ସମସ୍ତ ଜଳାଶୟର ପୁନରୁଦ୍ଧାର ପାଇଁ ସଂସଦ ପକ୍ଷରୁ ସିଏମ୍‌ସି କମିଶନର ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଛି। ଏହି ବୈଠକରେ ପ୍ରଫେସର ଅକ୍ଷୟ କୁମାର ଦାସ, ବିଜୟ ସାହୁ, ଆଇନଜୀବୀ ଅବଦୁଲ ସଲାମ ଖାନ, ସଞ୍ଜୟ କୁମାର ମହାନ୍ତି, ତେଜେଶ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ନାଥ କର ଓ ଅନ୍ୟମାନେ।

ସାଲେପୁର କଂଗ୍ରେସ ପ୍ରାର୍ଥୀଙ୍କ ଖବରଦାତା ସମ୍ମିଳନୀ

# ସୁବିଧାବାଦୀ ନେତାଙ୍କୁ ପ୍ରତ୍ୟାଖ୍ୟାନ କରିବାକୁ ଆହ୍ୱାନ

**ସାଲେପୁର, ୧୭।୪ (ଡି.ଏନ.ଏ.)**

ସାଲେପୁର ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ନାଥ କରଙ୍କ ପକ୍ଷରୁ ବୁଧବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା କଂଗ୍ରେସ ସଭାପତି ଗୁରୁପଦ ନନ୍ଦ ଯୋଗଦେଇ କଂଗ୍ରେସ ରାଜ୍ୟ ଓ ଦେଶର ବିକାଶରେ ସର୍ବଦା ନିର୍ଣ୍ଣାୟକ ଭୂମିକା ନେଇଥାଏ। କଂଗ୍ରେସ ବିନା ରାଜ୍ୟ ଓ ଦେଶର ବିକାଶ ଅସମ୍ଭବ। ତେଣୁ ଚଳିତ ସାଧାରଣ ନିର୍ବାଚନରେ ସାଲେପୁରର କଂଗ୍ରେସ ପ୍ରାର୍ଥୀ କରଙ୍କୁ ବିପୁଳ ସଂଖ୍ୟାରେ ଭୋଟ୍ ଦେଇ ଜୟଯୁକ୍ତ କରିବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ପ୍ରାର୍ଥୀ କର ଉପସ୍ଥିତ ରହି ସାଲେପୁର–ଟାଙ୍ଗୀ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ କଂଗ୍ରେସକୁ ଭୋଟ୍ ଦେବାପାଇଁ ଜନସାଧାରଣଙ୍କୁ ନିବେଦନ କରିବା ସହ କଂଗ୍ରେସକୁ ତ୍ୟାଗ କରି ଅନ୍ୟଦଳକୁ ଯାଇଥିବା ସୁବିଧାବାଦୀ ନେତାଙ୍କୁ ପ୍ରତ୍ୟାଖ୍ୟାନ କରିବାକୁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ମାନସ କର, ଗୌତମ କର, ଶିବପ୍ରସାଦ ବେହେରା, ଦିପୁ ଜେନା, ସମୀର କରଙ୍କ ସମେତ ବହୁ ଛାମୁଆ କର୍ମୀ ଉପସ୍ଥିତ ଥିଲେ।

# ବିଜେଡିରେ ମିଶ୍ରଣ ପର୍ବ, କର୍ମୀ ସମାବେଶ



ବରାଡୋ ପଞ୍ଚାୟତରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବିଧାୟକ ପ୍ରାର୍ଥୀ ପ୍ରତାପ ଜେନା ଦଳରେ ସାମିଲ ହୋଇଥିବା କର୍ମୀଙ୍କୁ ସ୍ୱାଗତ କରୁଛନ୍ତି।

**ନିଶ୍ଚିନ୍ତକୋଇଲି, ୧୭।୪ (ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକ ବିଜେଡି ପକ୍ଷରୁ ବୁଧବାର କଟିକଟା, କଟରପଡ଼ା, ଫଗୋଳ ଓ ବରାଦ ପଞ୍ଚାୟତରେ କର୍ମୀ ସମାବେଶ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବରାଦ ପଞ୍ଚାୟତରେ ବ୍ଲକ ସୋସିଆଲ ମିଡିଆ କୋଡିନେଟର ଅଶୋକ ଓଝାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମାହାଙ୍ଗା ବିଧାୟକ ପ୍ରାର୍ଥୀ ପ୍ରତାପ ଜେନା ଯୋଗ ଦେଇଥିଲେ। ପ୍ରାରମ୍ଭରେ ସରପଞ୍ଚ ନୃସିଂହ ଚରଣ ବିଶ୍ୱାଳ ପଞ୍ଚାୟତର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ପଞ୍ଚାୟତ ସଭାପତି ରତ୍ନାକର ବିଶ୍ୱାଳ ସାଙ୍ଗଠନିକ ସୁଦୃଢତା ପାଇଁ କର୍ମୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ସଭାରେ ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ମଧୁସୂଦନ ସେଠୀ, ନବକିଶୋର ସାମଲ, ସବିତା ସାମଲ, ଜ୍ୟୋତି ସ୍ୱାଇଁ ପ୍ରମୁଖ ଯୋଗଦେଇ ବିଜେଡି ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ଏହି ଅବସରରେ ଭାଜପା ନେତା ସୁକୁମାର ଦାସଙ୍କ ନେତୃତ୍ୱରେ ବହୁ କର୍ମୀ ଦଳ ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ।

ସେହିପରି କଂଗ୍ରେସରୁ ଲକ୍ଷ୍ମୀଧର ବେହେରା, ଦିଗମ୍ବର ନାୟକ, ରାଧୁ ସେଠୀ, ଭୂବନାନନ୍ଦ ସେଠୀ ଓ ପ୍ରଭାତ ବେହେରାଙ୍କ ସମେତ ବହୁ କର୍ମୀ ଦଳ ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ। ଫୋଗଳ ପଞ୍ଚାୟତରେ ହିମାଂଶୁ ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ବିଧାୟକ ପ୍ରାର୍ଥୀ ଜେନା ଯୋଗଦେଇ କର୍ମୀଙ୍କୁ ନିଷ୍ଠାର ସହ କାମ କରିବା ପାଇଁ ନିବେଦନ କରିଥିଲେ। ପଞ୍ଚାୟତ ବିଜେଡି ସଭାପତି ସୁରେନ୍ଦ୍ର ନିହାଣ, ପଞ୍ଚାୟତ ପର୍ଯ୍ୟବେକ୍ଷକ ବିନୋଦ ସାମଲ, ସମବାୟବିତ ଧୀରେନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କଂଗ୍ରେସର ଆବୁ ତାହେର, ଜାକିର ଖାଁ, ସେକ୍ ନିଶାମୂଲା ଓ ସେକ କଲାମଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ କର୍ମୀ ଦଳ ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ।

## ବୁଦ୍ଧିଜୀବୀ ସମ୍ମିଳନୀ

**କଟକ ଅଫିସ, ୧୭।୪**

ଭାରତର ପ୍ରତ୍ୟେକ ମତଦାତାଙ୍କର ମତଦାନ କରିବାର ସାମ୍ବିଧାନିକ ଅଧିକାର ରହିଛି। ନିଜ ବିଚାରଧାରା ଓ ବିଶ୍ୱାସକୁ ପାଥେୟ କରି ପ୍ରତ୍ୟେକ ମତଦାତା ନିର୍ବାଚନରେ ଜନପ୍ରତିନିଧି ଚୟନ କରିବା ସଙ୍ଗେ ସଙ୍ଗେ ଏକ ମଜଭୁତ୍ ସରକାର ଗଠନ କରିବା ଉପରେ ଧ୍ୟାନ ଦେବା ଉଚିତ। ରାଷ୍ଟ୍ର ସୁରକ୍ଷା ସମିତି କଟକ ଜିଲା ପ୍ରମୁଖ ମନୋହର ମହନ୍ତଙ୍କ ସଭାପତିତ୍ୱରେ ଟାଉନ୍‌ହଲଠାରେ ବୁଧବାର କଟକ ସହର ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର କ୍ଷେତ୍ରୀୟ ସେବା ପ୍ରମୁଖ ଜଗଦୀଶ ପ୍ରସାଦ ଖାଡ଼େଙ୍ଗା, ମୁଖ୍ୟବକ୍ତା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର କ୍ଷେତ୍ର ପ୍ରଚାରକ ପ୍ରଦୀପ ଯୋଶୀ, ଅଖିଳ ଭାରତୀୟ ବ୍ୟବସାୟୀ ମହାସଂଘର ଉପସଭାପତି ପ୍ରହଲ୍ଲାଦ ଖଣ୍ଡେଲୱାଲ, କୁମର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉପରୋକ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସତ୍ୟ ନାରାୟଣ ମିଶ୍ର, ରଘୁନାଥ ବାରିକ, ଚିରଞ୍ଜନ ମହାନ୍ତି, ଆଶିଷ ସାହୁ ପ୍ରମୁଖ ଯୋଗଦେଇଥିଲେ।

## ପ୍ରଧାନମନ୍ତ୍ରୀଙ୍କ ସହିତ ଯୋଡ଼ିହେଲେ କଟକର ଚା' ବ୍ୟବସାୟୀ

**କଟକ ଅଫିସ, ୧୭।୪**

କଟକ ଦେଉଳସାହିସ୍ଥିତ ମୋନାଲିସା ମଣ୍ଡପଠାରେ ଚା' ବ୍ୟବସାୟୀମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଚା' ବ୍ୟବସାୟୀ ପଦ୍ମଶ୍ରୀ ଡି. ପ୍ରକାଶ ରାଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କଟକର କୋଣଅନୁକୋଣରୁ ଶତାଧିକ ଚା' ବ୍ୟବସାୟୀ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହାତମୁଠାକୁ ଟାଣ କରିବା ନିମନ୍ତେ ଶପଥ ଗ୍ରହଣ କରିଥିଲେ। ମଙ୍ଗଳାବାଗ ଅଞ୍ଚଳର ଅର୍ଜ୍ଜୁନ କୁମାର ସାହୁ ଯୋଗଦେଇ କହିଥିଲେ, ଡି. ପ୍ରକାଶ ରାଓ ଆମ ପରିବାର ସଦସ୍ୟ। ଏହା ଆମ ପାଇଁ ବଡ କଥା। ସାମାନ୍ୟ ଚା' ଦୋକାନୀଙ୍କୁ ପ୍ରଧାନମନ୍ତ୍ରୀ ବ୍ୟକ୍ତିଗତ ଭାବେ ଜାଣିଛନ୍ତି ଏବଂ ଜାତୀୟ ସ୍ତରରେ ସମ୍ମାନିତ ମଧ୍ୟ କରିଛନ୍ତି। ଏହାଦ୍ୱାରା କଟକର ପ୍ରତ୍ୟେକ ଚା' ଦୋକାନୀ ନିଜକୁ ଗୌରବାନ୍ୱିତ ମନେ କରୁଛନ୍ତି। ଏଣୁ ଆଗାମୀ ଦିନରେ ଆମେ ସମସ୍ତେ ମୋଦିଙ୍କ ସହିତ ଯୋଡିହୋଇ ରହିବା ଏବଂ ଗୁଣ୍ଡୁଚିମୂଷା ଭଳି ମୋଦିଙ୍କୁ ସାହାଯ୍ୟ କରିବା ନିମନ୍ତେ ମତପ୍ରକାଶ କରିଥିଲେ। ଏଥିରେ ଚା' ବ୍ୟବସାୟୀ ଲିଙ୍ଗରାଜ ସାହୁ, ରଞ୍ଜିତ ଦାସ, ପ୍ରମୋଦ ମଲ୍ଲିକ, କାଳନ୍ଦୀ ଚରଣ ଦାସ, ଅରକ୍ଷିତ ସାହୁ ଯୋଗଦେଇଥିଲେ। ଏହି ବୈଠକରେ ଭାଜପା ଲୋକ ସଭା ପ୍ରାର୍ଥୀ ପ୍ରକାଶ ମିଶ୍ର, ବାରବାଟୀ–କଟକର ବିଧାନସଭା ପ୍ରାର୍ଥୀ ସମୀର ଦେ, ବିଶିଷ୍ଟ ଶିକ୍ଷାବିତ୍ ବିନୋଦ ଦାସ ଯୋଗଦେଇ ସମସ୍ତ ଚା' ବ୍ୟବସାୟୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ବିଜୁବାବୁଙ୍କ ଦୁଃସାହସୀ ଭୂମିକା ଥିଲା ଅନନ୍ୟ

**କଟକ ଅଫିସ, ୧୭।୪**

ଅଗ୍ରଣୀ ସାମାଜିକ ଅନୁଷ୍ଠାନ 'ସମୀଚୀନ' ଆନୁକୂଲ୍ୟରେ ମର୍କତ ନଗରଠାରେ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ସାମାଜିକ କର୍ମୀ ଗୋବିନ୍ଦ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଟକ ଜିଲା ଉତ୍କଳ ସମ୍ମିଳନୀର ସଭାପତି ଡା. ରବି ରଞ୍ଜନ ସାହୁ ଯୋଗଦେଇ କହିଥିଲେ, ବିଜୁବାବୁଙ୍କ ଦୁଃସାହସୀ ଭୂମିକା ଥିଲା ଅନନ୍ୟ। ତାଙ୍କର ଆଦର୍ଶ, ପ୍ରେରଣା, ମାର୍ଗଦର୍ଶନ ଏବେ ବି ଜାତୀୟ ଜୀବନରେ ଉଜ୍ଜୀବିତ ରହିଛି ଏବଂ ରହିଥିବ। ଅନ୍ୟତମ ଅତିଥି ଡ. ପରିଣୀତା ଦାସ କହିଥିଲେ, ବିଜୁବାବୁଙ୍କ ଉଦ୍ୟମରେ ପ୍ରତିଷ୍ଠିତ ହୋଇଥିଲା ଭୁବନେଶ୍ୱର ବିମାନବନ୍ଦର, କଳିଙ୍ଗ ଏୟାରଲାଇନ୍ସ, କଳିଙ୍ଗ ଆଇରନ ୱାର୍କ, କଳିଙ୍ଗ ଟ୍ୟୁବସ୍, ରାଉରକେଲା ଇସ୍ପାତ କାରଖାନା, ପାରାଦୀପ ବନ୍ଦର, ଏକ୍ସପ୍ରେସ୍ ହାଇୱେ, ଖପୁରିଆ ଶିଳ୍ପାଞ୍ଚଳ, ଏଆରସି ଚାରବାଟିଆ, ଓଟିଏମ୍। ଯାହାକି ଓଡ଼ିଶାର ପ୍ରଗତି ନିମନ୍ତେ ସହାୟକ ହୋଇପାରିଥିଲା। ଭାରତରେ ଗଣତାନ୍ତ୍ରିକ ଅଧିକାର ବଞ୍ଚାଇ ରଖିବା ଲାଗି ତାଙ୍କର ଅବଦାନ ଅବିସ୍ମରଣୀୟ। ଡ. ପବିତ୍ର ମହାନ୍ତି, ସଂଯୁକ୍ତା ବେହେରା, ଲୋପାମୁଦ୍ରା ପରିଡ଼ା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସସ୍ମିତା ରାଉତରାୟ ଧନ୍ୟବାଦ ଦେଇଥିଲେ।

## କଂଗ୍ରେସର ରୋଡ୍ ଶୋ'

**ଫୁଲନଖରା, ୧୭।୪ (ଡି.ଏନ୍.ଏ.)**

କଟକ ସଦର ନିର୍ବାଚନ ମଣ୍ଡଳୀ କଂଗ୍ରେସ ପକ୍ଷରୁ ବୁଧବାର ଫୁଲନଖରା ଛକରୁ ରୋଡ୍ ଶୋ ଆରମ୍ଭ ହୋଇଥିଲା। କଟକ ସଦର ବିଧାୟକ ପ୍ରାର୍ଥୀ ଅଭିଷେକ ମହାନନ୍ଦ, ଏମ୍‌ପି ପ୍ରାର୍ଥୀ ପଞ୍ଚାନନ କାନୁନ୍‌ଗୋ, ଜିଲା କଂଗ୍ରେସ କମିଟି ସଭାପତି ଗୁରୁପଦ ନନ୍ଦ, ପ୍ରଶାନ୍ତ ମହାନ୍ତି, ଅନିଲ ବେଉରା, ମଙ୍ଗରାଜ ସ୍ୱାଇଁ, ଶରତ କୁମାର ପରିଜା, ଅନ୍ନପୂର୍ଣ୍ଣା ସାହୁ, ଜ୍ଞାନରଞ୍ଜନ ଭୂୟାଁ ଓ କରିମ୍ ଶାଙ୍କ ସମେତ ବହୁସଂଖ୍ୟାରେ କର୍ମୀ ୬ଟି ୱାର୍ଡ ଓ ୩ଟି ପଞ୍ଚାୟତକୁ ଯାଇ ରୋଡ୍ ଶୋରେ ନିର୍ବାଚନ ପ୍ରଚାର କରିଥିଲେ।

## ପୋଲିସ ପର୍ଯ୍ୟବେକ୍ଷକଙ୍କ ବାଙ୍କୀ ପରିଦର୍ଶନ

**ବାଙ୍କୀ, ୧୭।୪ (ବି.ପ୍ର.)**

ବାଙ୍କୀ ନିର୍ବାଚନମଣ୍ଡଳୀର ବିଭିନ୍ନ ଉତ୍ତେଜନା ପ୍ରବଣ ବୁଥ୍ ଓ ଅନ୍ୟାନ୍ୟ ବୁଥକୁ ବୁଧବାର ବାଙ୍କୀ ପୋଲିସ ପର୍ଯ୍ୟବେକ୍ଷକ ଅଶୋକ କୁମାର ଗୁପ୍ତା ପରିଦର୍ଶନ କରିଛନ୍ତି। ଏହାପରେ ସେ ବାଙ୍କୀ ଉପଜିଲାପାଳ ଅରୁଣ କୁମାର ବିଶ୍ୱାଳଙ୍କ ସହ ଆଲୋଚନା କରିଛନ୍ତି। ଆଲୋଚନା ସମୟରେ ଅନ୍ୟମାନଙ୍କ ମଧ୍ୟରେ ଉପଖଣ୍ଡ ପୋଲିସ ଅଧିକାରୀ ପ୍ରସନ୍ନ କୁମାର ବିଶ୍ୱାଳ, ଆଇଆଇସି ସମୀର କୁମାର ପଣ୍ଡା, ସହକାରୀ ଜିଲାପାଳ ଦେବଦତ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ନୂଆପାଟଣାରେ ନିର୍ମାଣ ଶ୍ରମିକ ସମାବେଶ



ଶ୍ରମିକ ସମାବେଶରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ଟିଗିରିଆ, ୧୭।୪ (ଡି.ଏନ.ଏ.)**

ଟିଗିରିଆ ବ୍ଲକ ନୂଆପାଟଣାସ୍ଥିତ ଗାନ୍ଧୀ ପଡ଼ିଆଠାରେ ବୁଧବାର ଅପରାହ୍ନରେ ଟିଗିରିଆ ନିର୍ମାଣ ଶ୍ରମିକଙ୍କ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ହିନ୍ଦ ମଜଦୁର ସଭା ସାଧାରଣ ସମ୍ପାଦକ ସନ୍ତୋଷ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ଆଠଗଡ଼ ବିଜେଡି ବିଧାୟକ ପ୍ରାର୍ଥୀ ତଥା ହିନ୍ଦ ମଜଦୁର ସଭା କାର୍ଯ୍ୟକାରୀ ସଭାପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ନିର୍ମାଣ ମଜଦୁର ସଭା ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ସାହୁ, ସଞ୍ଜୟ ସାମଲ, ଅଜୟ ସାମଲ ଓ ଲକ୍ଷ୍ମୀଧର ମହାରଣାଙ୍କ ସମେତ ବ୍ଲକର ବିଭିନ୍ନ ପଞ୍ଚାୟତସ୍ତରୀୟ ଶ୍ରମିକ ସଂଗଠନ କର୍ମକର୍ତ୍ତା ଯୋଗ ଦେଇଥିଲେ। ନିର୍ମାଣ ଶ୍ରମିକଙ୍କ ବିଭିନ୍ନ ସୁବିଧା ସୁଯୋଗ ହାସଲରେ ରଣେନ୍ଦ୍ରଙ୍କ ଭୂମିକା ଅତୁଳନୀୟ ବୋଲି ଉପସ୍ଥିତ କର୍ମକର୍ତ୍ତା କହିଥିଲେ।

# ଟିଗିରିଆ ବ୍ଲକ ବିଜେଡିର କର୍ମୀ ସମ୍ମିଳନୀ

**ଟିଗିରିଆ, ୧୭।୪ (ଡି.ଏନ.ଏ.)**

ଟିଗିରିଆ ବ୍ଲକ ବିଜେଡିର ଏକ କର୍ମୀ ସମ୍ମିଳନୀ ବୁଧବାର ଗଦାଧରପୁର ପଞ୍ଚାୟତ ଅନ୍ତର୍ଗତ କଳିବିର ଗ୍ରାମର ସୁନେଇରୁପେଇ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଅଜିତ ଧୀରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ମିଳନୀରେ ବ୍ଲକର ବଡ଼ନାଉପୁଟ, ହାଟମାଳ, ଗଦାଧରପୁର, ବିନ୍ଧାଣିମା, ବାଲିପୁଟ, ଜେମାଦେଈପୁର, ନୂଆପାଟଣା ଓ ଭୋଗଡ଼ା ପଞ୍ଚାୟତର କର୍ମୀ ଯୋଗ ଦେଇଥିଲେ। ନିର୍ବାଚନରେ ବିଜେଡିର ଆଠଗଡ଼ ବିଧାୟକ ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ କିଭଳି ବିଜୟୀ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ରଣେନ୍ଦ୍ର ନିଜେ ଯୋଗଦେଇ କର୍ମୀଙ୍କୁ ନିଜ ସପକ୍ଷରେ ଜନମତ ବୃଦ୍ଧି କରିବା ଲାଗି ନିବେଦନ କରିଥିଲେ। ସମ୍ମିଳନୀରେ ଦୁଇ ଜିଲାପରିଷଦ ସଭ୍ୟା ରଶ୍ମିତା ମହାଳିକ, ବିଜୟଲକ୍ଷ୍ମୀ ଖଟୁଆ, ବ୍ଲକ ଅଧକ୍ଷା ରୂପା ଦଳେଇ, ବ୍ଲକ ଉପାଧକ୍ଷ ଗୌରହରି ପରିଡ଼ା, ବଂଶୀଧର ରାଉତ, ଭାଗିରଥୀ ନନ୍ଦ, ହରେନ୍ଦ୍ର ଦଳେଇ ଓ ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ସବିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବିଜୁବାବୁଙ୍କ ଶ୍ରାଦ୍ଧଦିବସ

**ଚୌଦ୍ୱାର, ୧୭।୪ (ଡି.ଏନ୍.ଏ.)**

ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧୋତ୍ସବ ବୁଧବାର ଚୌଦ୍ୱାରରେ ପାଳିତ ହୋଇଛି। ଉତ୍କଳ ପୂଜନ ପରିଷଦ, ନୀଳଚକ୍ର ଓ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅଧାପିକା ଡ. ଝରଣା ସାହୁ, ମାନସ ସାହୁ, ରାଜେଶ ଓଝା, ସୁନୀତା ଦାସ ପ୍ରମୁଖ ଯୋଗଦେଇ ବିଜୁ ବାବୁଙ୍କ ଜୀବନାଦର୍ଶ ଉପରେ ଆଲୋଚନା କରିଥିଲେ।

## ଷଷ୍ଠୀ ଦେବୀଙ୍କ ପୀଠରେ ହିଙ୍ଗୁଳାଙ୍କ ହୋମ ପୂଜା

**ବାଙ୍କୀ, ୧୭।୪ (ସ୍ୱ.ପ୍ର.)**

ବାଙ୍କୀ ଏନଏସି ଅନ୍ତର୍ଗତ ବେଦପୁରର ଅଧିଷ୍ଠାତ୍ରୀ ଦେବୀ ମା' ଷଷ୍ଠୀ ଦେବୀଙ୍କ ପୀଠରେ ବୁଧବାର ହିଙ୍ଗୁଳାଙ୍କ ହୋମଯଜ୍ଞ ଓ ପୂଜା ପାଳନ କରାଯାଇଛି। ଗ୍ରାମର ଜନସାଧାରଣ ସହଯୋଗ କରିଥିଲେ। ପୂଜାରେ ସମସ୍ତଙ୍କ ମଙ୍ଗଳକାମନା ସହ ଆଖପାଖ ଗ୍ରାମ ଏବଂ ବିଶ୍ୱର ମଙ୍ଗଳ କାମନା କରାଯାଇଥିଲା। ଦୁଃଖିଶ୍ୟାମ ପଣ୍ଡା, ପ୍ରମୋଦ ପତି, ମନମୋହନ ପତି, ବୁଲାପଣ୍ଡା ଓ ଶ୍ରୀନୀବାସ ବେହେରାଙ୍କ ତତ୍ତ୍ୱାବଧାନରେ ପୂଜା ସମାପନ ହୋଇଥିଲା।



ମା' ହିଙ୍ଗୁଳାଙ୍କୁ ପୂଜା କରାଯାଉଛି।

# ପାନୀୟ ଜଳ ଯୋଗାଣ ଦାବିରେ ରାସ୍ତା ଅବରୋଧ

**ନରସିଂହପୁର, ୧୭।୪ (ଡି.ଏନ.ଏ.)**

ପାନୀୟ ଜଳ ଯୋଗାଣ ଦାବିରେ ବୁଧବାର ନରସିଂହପୁର ବ୍ଲକ ଅନ୍ତର୍ଗତ ଚମ୍ପେଶ୍ୱର ୩ ନମ୍ବର ୱାର୍ଡ ତ୍ରିନାଥ ବଜାରର ଗ୍ରାମବାସୀ ନରସିଂହପୁର–କଟକ ମୁଖ୍ୟରାସ୍ତାକୁ ଦୀର୍ଘ ସମୟଧରି ଅବରୋଧ କରିଥିଲେ। ଏଥିଯୋଗୁ ରାସ୍ତାର ଦୁଇ ପାର୍ଶ୍ୱରେ ଶହଶହ ଗାଡ଼ିମୋଟର ଅଟକି ରହିଥିଲା। ରାସ୍ତା ଉପରେ ହାଣ୍ଡି, ଡେକ୍ଚି ରଖି ମହିଳା ପୁରୁଷ ରାସ୍ତାକୁ ଅବରୋଧ କରିଥିଲେ। ଖବର ପାଇ କାନପୁର ଥାନା ଅଧିକାରୀ ସସ୍ମିତା ରଣା ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାସ୍ତା ଅବରୋଧ ହଟି ଯାଇଥିଲା।



ଗ୍ରାମବାସୀ ରାସ୍ତାରେ ଗରା, ମାଠିଆ ରଖି ରାସ୍ତା ଅବରୋଧ କରିଛନ୍ତି।

ସୂଚନାଯୋଗ୍ୟ, ଏହି ଗ୍ରାମକୁ କିଛିଦିନ ପାନୀୟ ଜଳ ବନ୍ଦ ହୋଇଯାଇଛି। ହେବ ପାଇପ୍ ଯୋଗେ ଆସୁଥିବା ଗ୍ରାମବାସୀ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ଏହାର ସମାଧାନ ହୋଇ ପାରି ନ ଥିଲା।



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ,
ତେବେ କପଟତା ତ୍ୟାଗ କର।
-ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ

### ୭ପଞ୍ଚାୟତରେ ଭାଜପାର ନିର୍ବାଚନୀ ପ୍ରଚାର

ନିମାପଡ଼ା,୧୭।୪(ଡି.ଏନ୍.ଏ.):ନିମାପଡ଼ା ବ୍ଲକ ଅନ୍ତର୍ଗତ ଚାରିଛକ ମଣ୍ଡଳର ତୁଳସୀପୁର, ବାହାରେଣା, ଧନୁଆଁ ମଣ୍ଡଳର ଧଳେଶ୍ୱର, ଅନ୍ତୁଆର,ରଟିଲୋ, ଚଅଁରପଦା, ଡେଣୁଅଁ ଆଦି ୭ଟି ପଞ୍ଚାୟତରେ ଭାଜପାର ନିର୍ବାଚନ ପ୍ରଚାର ଓ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭାଜପା ପ୍ରାର୍ଥୀ ପ୍ରଭାତୀ ପରିଡା କର୍ମୀଙ୍କ ସହ ଘରକୁ ଘର ବୁଲି ନିର୍ବାଚନ ପ୍ରଚାର କରିଛନ୍ତି। ଭାଜପା ସରକାର ଆସିଲେ ବିକାଶ ତୃଣମୂଳସ୍ତରରେ ପହଞ୍ଚିବ ବୋଲି ପରିଡା କହିଛନ୍ତି। ଏହା ସହ ଭାଜପାରେ ଭୋଟ୍ ଦେବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏହି ନିର୍ବାଚନ ପ୍ରଚାର ଓ ଶୋଭାଯାତ୍ରାରେ ଭାଜପା ନେତା କୃଷ୍ଣଚନ୍ଦ୍ର ସ୍ୱାଇଁ, ମନୋଜ କୁମାର ଦାଶ, ଗୁଣନିଧି ମୁଦୁଲି, ବାସୁଦେବ ବେହେରା, ଧନଞ୍ଜୟ ମହାପାତ୍ର, ମାନସ ପ୍ରଧାନ ପ୍ରମୁଖ ସାମିଲ ହୋଇ ଭାଜପା ପ୍ରାର୍ଥୀ ପରିଡାଙ୍କୁ ଭୋଟ୍ ଦେବା ପାଇଁ ନିବେଦନ କରିଥିଲେ। ଏହି ଅବସରରେ ବାଇକ୍ ଶୋଭାଯାତ୍ରା ବିଭିନ୍ନ ଗ୍ରାମ ବୁଲିଥିଲା।

### ତୈଳିକ ବୈଶ୍ୟ ସଂଘର ସାଧାରଣ ସଭା

ବଳଙ୍ଗା,୧୭।୪(ଡି.ଏନ୍.ଏ.): ବଳଙ୍ଗା ଥାନା ଅଧୀନ ଦକ୍ଷିଣସାହି ମା' ଚର୍ଚ୍ଚିକାୟ ଠାକୁରାଣୀଙ୍କ ପୀଠରେ ୩୪ତମ ପୁରୀ ଜିଲା ତୈଳିକ ବୈଶ୍ୟ ସଂଘର ବାର୍ଷିକ ଉତ୍ସବ ଏବଂ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ୨୨ଟି ସାହିର ତୈଳିକ ଜନସାଧାରଣ ଯୋଗଦେଇଥିଲେ। ସଂଘ ସଭାପତି ସର୍ବେଶ୍ୱର ପୃଷ୍ଟି ଅଧକ୍ଷତା କରିଥିଲେ। ସଂଘ ସମ୍ପାଦକ ଉଚ୍ଛବ ସାହୁ ବାର୍ଷିକ ଆୟବ୍ୟୟ, ଖର୍ଚ୍ଛଦାବି ଅଟକଳ, ସରକାରୀ ବେସରକାରୀସ୍ତରରେ ସମାଜ ସେବାରେ ଯୋଗଦାନ, ସ୍ୱଚ୍ଛମିଶନ କାର୍ଯ୍ୟକ୍ରମରେ ସାମିଲ ହେବା ସହିତ ସାମାଜିକ ବନୀକରଣ ଉପରେ ଆଲୋକପାତ କରି ଏଥିରେ ସାମିଲ ହେବାପଇଁ ସଭ୍ୟମାନଙ୍କୁ ଆହ୍ୱାନ ଦେଇଥିଲେ। କୌଳିକ ବୃତ୍ତି କ୍ଷେତ୍ରରେ ପାରଦର୍ଶିତା ଲାଭକରିଥିବା ସଭ୍ୟମାନଙ୍କୁ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

### ସ୍କୁଲକୁ ଯାଇ ଛାତ୍ର ନିଖୋଜ

କଣାସ,୧୭।୪(ସ୍ୱ.ପ୍ର.): କଣାସ ଥାନା ଅଧୀନ ପାଣ୍ଡିଆକେରା ଗ୍ରାମପଞ୍ଚାୟତର ନାନକେରା ଗ୍ରାମର ଜଣେ ସ୍କୁଲ ଛାତ୍ର ମଙ୍ଗଳବାର ବିଦ୍ୟାଳୟକୁ ଯାଇ ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ଗ୍ରାମର ନାନକେରା ଉପ୍ରା ବିଦ୍ୟାଳୟରେ ପଢୁଥିବା ସପ୍ତମ ଶ୍ରେଣୀର ଛାତ୍ର ଆକାଶ ମହାପାତ୍ର ୧୬ତାରିଖ (ମଙ୍ଗଳବାର) ସ୍କୁଲକୁ ଯାଇଥିଲେ। ସ୍କୁଲ ଛୁଟି ହେବା ପରେ ଆକାଶ ଘରକୁ ନ ଫେରିବାରୁ ପରିବାରଲୋକେ ଚାରିଆଡ଼େ ଖୋଜାଖୋଜି କରିଥିଲେ। ବହୁ ଖୋଜାଖୋଜି କରି ନିରାଶ ହେବା ପରେ ଆକାଶର ବଡ଼ବାପା ସୁବୋଧ ମହାପାତ୍ର ବୁଧବାର କଣାସ ଥାନାରେ ଅଭିଯୋଗ କରିଛନ୍ତି।

### ମା' ଖଡ଼୍‌ଗେଶ୍ୱରୀ ପୀଠରେ ବିଶ୍ୱଶାନ୍ତି ଚଣ୍ଡୀ ମହାଯଜ୍ଞ

ଗୋପ,୧୭।୪(ଡି.ଏନ.ଏ.): ଚୈତ୍ର ମାସ ଶୁକ୍ଳ ଦ୍ୱାଦଶୀ ତିଥିରେ ବେଦପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଖଡ଼୍‌ଗେଶ୍ୱରୀଙ୍କ ପୀଠରେ ସପ୍ତଦଶ ବାର୍ଷିକ ତ୍ରିଦିନାତ୍ମକ ବିଶ୍ୱଶାନ୍ତି ଚଣ୍ଡୀ ମହାଯଜ୍ଞ ଆରମ୍ଭ ହୋଇଛି। ବୁଧବାର ପ୍ରତ୍ୟୁଷରୁ ନିକଟସ୍ଥ କୁଶଭଦ୍ରା ନଦୀର ତ୍ରିବେଣୀ ଘାଟଠାରୁ ଶ୍ରଦ୍ଧାଳୁମାନେ ୧୦୮ କଳସୀରେ ଜଳ ସଂଗ୍ରହ କରି ନିକଟସ୍ଥ ବେଦପୁର ଶାସନ, ବେଦପୁର ପାଟଣା, ଭଇରିପୁର, ତିନିତିଅର ଗ୍ରାମ ପରିକ୍ରମା କରି ଯଜ୍ଞସ୍ଥଳୀରେ ପହଞ୍ଚି ଥିଲେ। ଏହି ନଗର ପରିକ୍ରମାରେ ମା' ଖଡ଼୍‌ଗେଶ୍ୱରୀ ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ନାମ ସଂକୀର୍ତ୍ତନ କରାଯାଇଥିବାବେଳେ ଘଣ୍ଟ ପଖଜ, ଢୋଲ ମହୁରି ଆଦିରେ ଗ୍ରାମ ପ୍ରକମ୍ପିତ ହୋଇଥିଲା।

### ବିଜୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି

ସାକ୍ଷୀଗୋପାଳ,୧୭।୪(ଡି.ଏନ୍.ଏ.): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୨ତମ ଶ୍ରାଦ୍ଧଦିବସ ସତ୍ୟବାଦୀ ବାଟ ମାହାବୀର ମନ୍ଦିର ନିକଟରେ ବୁଧବାର ପାଳିତ ହୋଇଯାଇଛି। ବିଜବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଳୁମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୂର୍ବତନ ବ୍ଲକ ବିଜେଡି ସଭାପିତି ରାଜ କିଶୋର ଆଚାର୍ଯ୍ୟ, ନୀଳାଚଳ କୃଷକ ମହାସଂଘ ସଭାପତି ଗୋପୀନାଥ ମିଶ୍ର, ଉପସଭାପତି ନିରଞ୍ଜନ ମହାପାତ୍ର, ରବୀନ୍ଦ୍ରନାଥ ଶତପଥୀ, ଉପେନ୍ଦ୍ର ବିଶ୍ୱାଳ, ନାରାୟଣ ରାଉତରାୟ ପ୍ରମୁଖ ଯୋଗଦେଇ ବିଜୁବାବୁଙ୍କ ସାହସିକତା ଏବଂ ଓଡିଆମାନଙ୍କୁ ଭଲପାଇବା ଗୁଣ ସମ୍ପର୍କରେ ଆଲୋକପାତ କରିଥିଲେ। ସତ୍ୟବାଦୀ ସ୍ମୃତି ସଂସଦ ସଭାପତି ଅନନ୍ତ ମହାପାତ୍ର ସ୍ମୃତିସଭାରେ ଅଧକ୍ଷତା କରିଥିଲେ।

# ପ୍ରଚାରରେ କମ୍ପୁଛି ସାହି, ବସ୍ତି

ପୁରୀ ଅଫିସ,୧୭।୪:



ଭାଜପା ବିଧାନସଭା ପ୍ରାର୍ଥୀ ଜୟନ୍ତ ଷଡ଼ଙ୍ଗୀଙ୍କ ବାଇକ୍ ଶୋଭାଯାତ୍ରା ।

- ବିଜେଡିର କର୍ମୀ ସମ୍ମିଳନୀ
- ଭାଜପାର ବାଇକ୍ ରାଲି
- ବିଭିନ୍ନ ସ୍ଥାନରେ କଂଗ୍ରେସର ସଭା

ଆସନ୍ତା ୨୩ତାରିଖରେ ପୁରୀ ଲୋକ ସଭା ଏବଂ ଏହା ଅଧୀନ ବିଧାନସଭା ଲାଗି ମତଦାନ ହେବ। ୨୧ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀମାନେ ପ୍ରଚାର କରିପାରିବେ। ହାତରେ ଆଉ ମାତ୍ର ୪ଦିନ ରହିଥିବାରୁ ତୃଣମୂଳ ସ୍ତରରେ ଲୋକଙ୍କ ପାଖେ ପହଞ୍ଚିବାକୁ ରାତିଦିନ ଏକ କରିଦେଇଛନ୍ତି ପ୍ରାର୍ଥୀ। ସେମାନଙ୍କ ଆଖିରେ ନିଦ ନାହିଁ। ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସର ପ୍ରାର୍ଥୀମାନେ କିପରି ଅଧିକରୁ ଅଧିକ ଭୋଟରଙ୍କୁ ଆକୃଷ୍ଟ କରିବେ ସେଥିପାଇଁ ଆପ୍ରାଣ ଲାଗିପଡ଼ିଛନ୍ତି। ଭୋଟରଙ୍କୁ ଦେଉଛନ୍ତି ପୁଳା ପୁଳା ପ୍ରତିଶ୍ରୁତି। ସାହିଗଳିରେ ପଦଯାତ୍ରା, ରୋଡ୍ ଶୋ, ସଭା ସମିତି ଓ କର୍ମୀ ସମ୍ମିଳନୀ ମଧ୍ୟ ଚାଲିଛି।

ବୁଧବାର ଖାଡ଼େଶ୍ୱରୀ କ୍ଲବ ପରିସରରେ ପୁରୀ ଜିଲା ଯୁବ ବିଜେଡି ପକ୍ଷରୁ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେଡିର ପୁରୀ ଲୋକ ସଭା ପ୍ରାର୍ଥୀ ପିନାକୀ ମିଶ୍ର ଏବଂ ବିଧାନସଭା ପ୍ରାର୍ଥୀ ମହେଶ୍ୱର ମହାନ୍ତି ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ କହି ଭୋଟରଙ୍କୁ ନିଜ ସପକ୍ଷରେ ମନାଇବାକୁ ଚେଷ୍ଟା କରିଥିଲେ। ଏହି କର୍ମୀ ସମ୍ମିଳନୀରେ କୃଷ୍ଣଚନ୍ଦ୍ର ପଣ୍ଡା, ସରୋଜ ନାୟକ, ରାମଚନ୍ଦ୍ର ଗଜ, ଭଗବାନ ପଢିଆରୀ, ସବ୍ୟସାଚୀ ମହାପାତ୍ର, ନାରାୟଣ ସିଂ, ପ୍ରୀତମ ଜଗଦେବ, ଏନ୍. ବଳରାମ ରେଡ୍ଡୀ, ଭକ୍ତ ଦାସ, ଶାନ୍ତିଲତା ପ୍ରଧାନ, ଗୌରହରି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପୁରୀ ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ଜୟନ୍ତ ଷଡ଼ଙ୍ଗୀ ବାଇକ୍ ରାଲିରେ ବିଭିନ୍ନ ଅଞ୍ଚଳ ବୁଲି ଭୋଟ ଭିକ୍ଷା କରିଥିଲେ। ସେ ସମର୍ଥକ ଓ ଦଳୀୟ କର୍ମୀଙ୍କ ସହ ଖଣ୍ଡିଆବନ୍ଧ, ଗୋପୀନାଥପୁର, ଚାରିନଳା, ସିଦ୍ଧମହାବୀର ପ୍ରଭୃତି ଅଞ୍ଚଳ ବୁଲିଥିଲେ। କଂଗ୍ରେସ ପ୍ରାର୍ଥୀ ଇଂ. ଅରୋପ୍ରସାଦ ମିଶ୍ର ପେଣ୍ଠକଟା ସମେତ ବିଭିନ୍ନ ବସ୍ତି ଓ ସାହିରେ ସଭା କରିଥିଲେ। ବସ୍ତିବାସିନ୍ଦାଙ୍କୁ ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ରାଜାରାମ ବାବୁ, ବାବୁ ପାଇକରାୟ ପ୍ରମୁଖ ଏହି ସଭାର ନେତୃତ୍ୱ ନେଇଥିଲେ।

## ଭାଜପାରେ ମିଶିଲେ ଶତାଧିକ ବିଜେଡି କର୍ମୀ

ପୁରୀ ଅଫିସ,୧୭।୪:

ପୁରୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୋପ ବ୍ଲକ ଇତିଭୂୟାଁ ପଞ୍ଚାୟତର ବହୁ ବିଜେଡି କର୍ମୀ ମଙ୍ଗଳବାର ଭାଜପାରେ ମିଶିଛନ୍ତି। ପୂର୍ବତନ ସରପଞ୍ଚ କ୍ଷେତ୍ରମୋହନ ସାହୁ ଓ ସମିତିସଭ୍ୟ କୈଳାସ ବାରିକଙ୍କ ନେତୃତ୍ୱରେ ବିଜେଡିର ପୂର୍ବତନ ବ୍ଲକ ସମ୍ପାଦକ ସହଦେବ ନାୟକ, ପଞ୍ଚାୟତ ସଭାପତି ଗନ୍ଧର୍ବ ପ୍ରଧାନ, ମିହିର ପାଣି, ସର୍ବେଶ୍ୱର ଦଳାଇ, ବାସୁ ଦଳାଇ, ଜମ୍ବେଶ୍ୱର ବିଶ୍ୱାଳ, ରତ୍ନାକର ସାହୁ ଏବଂ କୃଷ୍ଣ ସାହୁ ଭାଜପାରେ ଯୋଗଦେଇଛନ୍ତି। ସେହିପରି ସଂଗ୍ରାମ କେଶରୀ ପାଣିଙ୍କ ନେତୃତ୍ୱରେ ବହୁ ଯୁବ ଓ ଛାତ୍ର ସଙ୍ଗଠକ ଭାଜପାରେ ମିଶିଛନ୍ତି। ଗଡ଼ଭିଙ୍ଗୁରା ପଞ୍ଚାୟତର ପୂର୍ବତନ ସରପଞ୍ଚ ରବୀନ୍ଦ୍ର କୁମାର ସାମନ୍ତରାୟ ଓ ବ୍ଲକ ବିଜେଡି କାର୍ଯ୍ୟକର୍ତ୍ତା ସନାତନ ପାଣି, ଛଇତନା ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଶ୍ୱନାଥ ପ୍ରଧାନ, ପୂର୍ବତନ ସମିତି ସଭ୍ୟ ଭାସ୍କର ଚନ୍ଦ୍ର ରାଉତରାୟ, ସମିତି ସଭ୍ୟା ଡଲି ସ୍ୱାଇଁଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଓ ସଙ୍ଗଠକ ଭାଜପାରେ ଯୋଗଦାନ କରିଛନ୍ତି। ଏହି ମିଶ୍ରଣ ପର୍ବରେ ପୁରୀ ଲୋକ ସଭା ପ୍ରାର୍ଥୀ ସମ୍ବିତ୍ ପାତ୍ର, ବିଧାୟକ ପ୍ରାର୍ଥୀ ଜୟନ୍ତ କୁମାର ଷଡ଼ଙ୍ଗୀ, ଭାଜପା ରାଜ୍ୟ ଉପସଭାପତି ଶଙ୍କର୍ଷଣ ପରିଡ଼ା, ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଏସିଡ୍‌ମାଡ ଘଟଣା: ଆଉ ଜଣେ ଗିରଫ

ବ୍ରହ୍ମଗିରି, ୧୭।୪(ଡି.ଏନ୍.ଏ.)

ପୂର୍ବରୁ ହୋଇଥିବା ଏସିଡ୍‌ମାଡ ଘଟଣାରେ ବ୍ରହ୍ମଗିରି ପୋଲିସ ବୁଧବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ବ୍ରହ୍ମଗିରି ଥାନା ଅନ୍ତର୍ଗତ ଚାପ ମାଣିକ ଗ୍ରାମର କର୍ଣ୍ଣ ରାଉତ। ମିଳିଥିବା ସୂଚନା ଅନୁଯାୟୀ, ବ୍ରହ୍ମଗିରି ଥାନା ଅନ୍ତର୍ଗତ ବଣିଆକିଆ ଜଙ୍ଗଲକୁ ନେଇ ସାହାଜାନପୁର ଓ ଚାପମାଣିକ ଗ୍ରାମ ମଧ୍ୟରେ ବିବାଦ ଲାଗି ରହିଥିଲା। ୧ତାରିଖ ବିଳମ୍ବିତ ରାତିରେ ଚାପମାଣିକ ଗ୍ରାମର କେତେଜଣ ଲୋକ ସାହାଜନପୁର ଗ୍ରାମବାସୀ ରହୁଥିବା କୁଡିଆରେ ପହଞ୍ଚି ସେମାନଙ୍କ ଉପରକୁ ଏସିଡ୍ ମାଡ କରିବା ସହ କୁଡିଆକୁ ନିଆଁ ଲଗାଇ ଦେଇଥିଲେ। ଏହି ଏସିଡ ମାଡ ଓ ଅଗ୍ନିକାଣ୍ଡରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଗୁରୁତର ହୋଇଥିଲେ।



ଶ୍ରୀରାମଚନ୍ଦ୍ର ସ୍ୱାମୀ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଶ୍ରୀଭେଙ୍କଟେଶ୍ୱର ମନ୍ଦିର ପରିସରରେ ବୁଧବାର ସମୂହ ବ୍ରତୋପନୟନ ।

## ସାକ୍ଷୀଗୋପାଳଙ୍କ ଦୟଣା ଚୋରି ପର୍ବ

- ଠାକୁରଙ୍କ ଲାଗି ଦୟଣା ଚୋରି କରି ଧରାପଡ଼ିଲେ ପାଳିଆ ପତ୍ରି ସେବକ

ସାକ୍ଷୀଗୋପାଳ,୧୭।୪(ଡି.ଏନ.ଏ.)



ଦୟଣା ଚୋରିକରିଥିବା ପାଳିଆ ପତ୍ରିଙ୍କୁ ବାନ୍ଧି ମନ୍ଦିରକୁ ନିଆଯାଉଛି ।

ଅନଙ୍ଗ ତ୍ରୟୋଦଶୀ ତିଥି ବୁଧବାର ରାତିରେ ସାକ୍ଷୀଗୋପାଳ ଠାକୁରଙ୍କ ଦୟଣା ଚୋରି ପର୍ବ ପରମ୍ପରାକ୍ରମେ ପାଳିତ ହୋଇଯାଇଛି। ଠାକୁରଙ୍କ ପ୍ରତିନିଧି ଭାବରେ ପାଳିଆପତ୍ରି ସେବକ ଦୟଣାଚୋରି କରିବା ସମୟରେ ଧରାପଡିବା ଏବଂ ଚୋରି ଦୟଣାପାତ୍ର ମୁଣ୍ଡାଇ ବନ୍ଧାହୋଇ ବିଜେ ଦାଣ୍ଡରେ ଚାଲିଚାଲି ଯିବା ଦୃଶ୍ୟ ଆକର୍ଷଣ ସାଜିଥିଲା।

ବଡସିଂହାର ଧୂପ ଶେଷରେ ବିଜେ ପ୍ରତିମା ମଦନ ମୋହନ ଦୟଣା ଚୋରି କରିବା ପାଇଁ ନଅର ବାଡିସ୍ଥିତ ଦୟଣାଚୋରି ମଣ୍ଡପକୁ ବିମାନରେ ବିଜେ କରିଥିଲେ। ସେଠାରେ ପୂଜାପଣ୍ଡା ସେବାୟତ ବିଜୟ ମହାପାତ୍ର ଯାତଭୋଗ, ଆଳତି ଓ ଉପଚାରନୀତି ସମ୍ପୂର୍ଣ୍ଣ କରିଥିଲେ। ପରେ ଠାକୁରଙ୍କ ପ୍ରତିନିଧି ଭାବେ ପାଳିଆପତ୍ରି ସେବକ କାହ୍ନୁଚରଣ ନନ୍ଦ ନଅର ବାଡିରେ ପ୍ରସ୍ତୁତ କରାଯାଇଥିବା ବଗିଚାରୁ ଦୟଣା ଚୋରିକରି ଏକ ରୁପା ପାତ୍ରରେ ନେଉଥିବା ବେଳେ ମନ୍ଦିର ମଣ୍ଡଣୀ ସୁଆଁସିଆ ସେବକ ପଦ୍ମନାଭ ଦଳେଇଙ୍କ ହାତରେ ଧରାପଡିଥିଲେ। ଚୋରି ଦୟଣା ପାତ୍ର ମୁଣ୍ଡାଇ ଥିବା ପାଳିଆପତ୍ରି ସେବକଙ୍କ ଅଣ୍ଟାରେ ପାଟବସ୍ତ୍ର ବାନ୍ଧି ଠାକୁରଙ୍କ ବିମାନ ସହିତ ଚଲାଇ ଚଲାଇ ମନ୍ଦିରକୁ ଅଣାଯାଇଥିଲା। ସିଂହାରୀ ସେବକ ମାନସ କୁମାର ମହାପାତ୍ର ଓ ଭଣ୍ଡାର ମେକାପ ସେବକ ମୃତ୍ୟୁଞ୍ଜୟ ମେକାପ ପର୍ବରେ ସହଯୋଗ କରିଥିଲେ। ଦୟଣାଚୋରି ପର୍ବକୁ ବିଜେ କରିଥିବା ମଦନ ମୋହନ ଠାକୁର ଦୟଣାଚୋରି କରିଥିବାରୁ ବିଜେ ପ୍ରତିମାଙ୍କୁ ଭଣ୍ଡାର ଦୁଆରେ ବାନ୍ଧି ଦିଆଯାଇ ପୁଷ୍ପାଞ୍ଜଳି ନୀତି ପରେ ମନ୍ଦିର ପହୁଡ କରାଯାଇଥିଲା। ଠାକୁରଙ୍କ ପ୍ରିୟ ଦୟଣା ଶୁକ୍ରବାର ବିଷ୍ଣୁ ଦମନକ ଚର୍ତୁଦ୍ଦଶୀ ତିଥିରେ ସାକ୍ଷୀଗୋପାଳଙ୍କୁ ଲାଗି କରାଯିବ। ସାକ୍ଷୀଗୋପାଳ ମନ୍ଦିରରେ ଦୟଣା ଚୋରିପର୍ବ ପାଇଁ ଶ୍ରୀକ୍ଷେତ୍ର ଜଗନ୍ନାଥ ବଲ୍ଲଭ ମଠ ବଗିଚାରୁ ପ୍ରତିବର୍ଷ ଦୟଣା ସଂଗ୍ରହ କରାଯାଉଥିବା ବେଳେ ସ୍ନାନ ଓ ରଥଯାତ୍ରାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପହଣ୍ଡି ବିଜେ ପାଇଁ ସାକ୍ଷୀଗୋପାଳ ବକୁଳବନରୁ ବଉଳ କାଠ ଯୋଗାଇ ଦିଆଯିବାର ବିଧି ରହିଛି ବୋଲି ମନ୍ଦିର ସୁପରଭାଇଜର ବିଶ୍ୱନାଥ ମହାପାତ୍ର କହିଛନ୍ତି।

## ମାନସିକ ବିକୃତ ଯୁବତୀଙ୍କୁ ସୁରକ୍ଷା ଦେଲା ବିଜୁ ଯୁବବାହିନୀ

ଗୋପ,୧୭।୪(ଡି.ଏନ୍.ଏ.)

କଣାସ ଅଞ୍ଚଳର ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଦୀର୍ଘ ୧୫ ଦିନ ହେବ ଆଶ୍ରୟ ନେଇଥିବା ଜଣେ ଅଣଓଡ଼ିଆ ମାନସିକ ବିକୃତ ଯୁବତୀଙ୍କୁ ବୁଧବାର ଗୋପ ବିଜୁ ଯୁବବାହିନୀ ସଦସ୍ୟମାନେ ସୁରକ୍ଷା ଦେବା ପାଇଁ ଜିଲା ପ୍ରଶାସନ ଓ ବ୍ଲକ୍ ପ୍ରଶାସନ ସହ ପୋଲିସର ସାହାଯ୍ୟ ନେଇଛନ୍ତି। ପ୍ରକାଶ ଯେ, ଦୁଇ ସପ୍ତାହ ତଳେ ଏହି ମାନସିକ ବିକୃତ ଯୁବତୀଙ୍କୁ କେହି ବ୍ୟକ୍ତି ଏହି ଅଞ୍ଚଳରେ ଛାଡ଼ି ଦେଇ ଯାଇଥିବା ଅନୁମାନ କରାଯାଉଥିବାବେଳେ ଯୁବତୀ ଜଣକ ରାତ୍ର ଓ ଦିନରେ ଗୋପ ବଜାର ସହିତ ବିଭିନ୍ନ ଅଞ୍ଚଳରେ ବୁଲାବୁଲି କରିବା ପରେ ଡାକ୍ତରଖାନା ପରିସରରେ ରହୁଥିବା ଜଣାପଡ଼ିଛି। ବୁଧବାର ଗୋପ ସ୍ୱାସ୍ଥ୍ୟକେନ୍ଦ୍ର ଡା. ଜସ୍ମିନ୍ ଆଫ୍ରୋଜ ଏହି ଯୁବତୀଙ୍କ ସମ୍ପର୍କରେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅବଗତ କରିବା ପରେ ସେମାନେ ସ୍ଥାନୀୟ ବିଜୁ ଯୁବ ବାହିନୀକୁ ଜଣାଇଥିଲେ। ପରେ ବିଜୁ ଯୁବବାହିନୀ ସଦସ୍ୟମାନେ ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଗୋପ ଥାନାଧିକାରୀଙ୍କୁ ଏ ସମ୍ପର୍କରେ ଜଣାଇବା ସହ ତାକୁ ତୁରନ୍ତ ସୁରକ୍ଷା ଯୋଗାଇ ଦେବାକୁ ଦାବି କରିଛନ୍ତି।

## ଏଆଇଏଫଂବି ପ୍ରାର୍ଥୀ ଜିତେନ୍ଦ୍ରୀୟଙ୍କ ନିର୍ବାଚନୀ ପ୍ରଚାର

ପୁରୀ ଅଫିସ,୧୭।୪ :



ସମର୍ଥକଙ୍କ ସହ ଜିତେନ୍ଦ୍ରୀୟ ବେହେରା ପ୍ରଚାର କରୁଛନ୍ତି ।

ଆଧାତ୍ମିକ ସହର ପୁରୀରେ ବିକାଶ ଠପ୍ ହୋଇଯାଇଛି। ଶ୍ରୀମନ୍ଦିର ଅସୁରକ୍ଷିତ ହୋଇପଡ଼ିଛି। ୨୪ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ ଶ୍ରୀମନ୍ଦିର ପରିସରରୁ ଚୋରି ହେଉଛି। ଶ୍ରୀମନ୍ଦିର ସୁରକ୍ଷା ଏବଂ ପୁରୀର କଳା, ସଂସ୍କୃତି, ଐତିହ୍ୟର ବିକାଶ ଲାଗି ଉଦ୍ୟମ କରିବି ବୋଲି ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍‌ର ପୁରୀ ବିଧାନସଭା ପ୍ରାର୍ଥୀ ଜିତେନ୍ଦ୍ରୀୟ ବେହେରା ବିଭିନ୍ନ ପଥପ୍ରାନ୍ତ ସଭାରେ କହିଛନ୍ତି। ମଙ୍ଗଳବାର ସେ ଦଳୀୟ ସମର୍ଥକଙ୍କ ସହ ପୁରୀ ସଦର ବ୍ଲକର ବିଭିନ୍ନ ପଞ୍ଚୟତ ବୁଲି ପ୍ରଚାର କରିଥିଲେ। ବୁଧବାରଠାରୁ ପୁରୀ ସହରରେ ପ୍ରଚାର ଅଭିଯାନ ଆରମ୍ଭ କରିଛନ୍ତି। ପ୍ରଥମେ ବ୍ଲକ ଛକ, ବଡଶଙ୍ଖ, ମାର୍କେଟ ଛକ ବଳଗଣ୍ଡି, ବସଷ୍ଟାଣ୍ଡ ନିକଟ ଆଦି ସ୍ଥାନରେ ପଥପ୍ରାନ୍ତ ସଭା କରିଥିଲେ। ଦୁର୍ନୀତି, ଶୋଷଣମୁକ୍ତ ସମାଜ ଗଠନ ଲାଗି ଆହ୍ୱାନ ଦେଇଥିଲେ। ସେ କହିଥିଲେ ଯେ, ପୁରୀ-କୋଣାର୍କ ଜାତୀୟ ରାଜପଥ ଦେଇ ପୁରୀ ସହର ସିଦ୍ଧ ମହାବୀର ନିକଟରେ ରେଳଲାଇନ କ୍ରସ କରିଥିବାରୁ ପ୍ରତିଦିନ ସ୍ଥାନୀୟ ଲୋକେ ଏବଂ ପର୍ଯ୍ୟଟକମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ୨୦୧୫ ନବେକଳେବରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ବିଭିନ୍ନ ଯୋଜନାରେ ଟଙ୍କା ଖର୍ଚ୍ଚ ହୋଇଛି। ପୁରୀ ସହରରେ କୌଣସି ପରିବର୍ତ୍ତନ ହୋଇନାହିଁ। ପୁରୀ ସହରର କଳା, ସଂସ୍କୃତିର ବିକାଶ, ସ୍ୱାସ୍ଥ୍ୟସେବା ଏବଂ ଗୁଣାତ୍ମକ ଶିକ୍ଷାର ବିକାଶ କରିବେ ବୋଲି କହିଛନ୍ତି।

- ଅଭିଯୋଗକାରୀଙ୍କୁ ଥାନାରେ ୭ଘଣ୍ଟା ବସାଇବା ଘଟଣା

## ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି

ପୁରୀ ଅଫିସ, ୧୭।୪ :

**ଡିଜିପିଙ୍କୁ ଅଭିଯୋଗପତ୍ର ଦେଲା ସଚେତନ ନାଗରିକ ମଞ୍ଚ**

ଗତ ୧୧ତାରିଖରେ ଗୋପ ଥାନାକୁ ଏତଲା ଦେବାକୁ ଯାଇଥିବା କେତେଜଣ ବରିଷ୍ଠ ନାଗରିକଙ୍କୁ ପୋଲିସ ଦୀର୍ଘ ୭ଘଣ୍ଟା ଧରି ଥାନାରେ ବସାଇ ରଖିବା ସହ ଧମକ ଦେବା ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବି ନେଇ ସଚେତନ ନାଗରିକ ମଞ୍ଚ ବୁଧବାର ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କୁ ଗୁହାରୀ ଜଣାଇଛି। ଏ ସଂକ୍ରାନ୍ତରେ ମଞ୍ଚ ପକ୍ଷରୁ ଡିଜିପିଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରାଯାଇଛି।

ସଚେତନ ନାଗରିକ ମଞ୍ଚର ସଭାପତି ତଥା ଆଇନଜୀବୀ ପ୍ରସନ୍ନ କୁମାର ଦାଶ ପତ୍ରରେ ଦର୍ଶାଇଛନ୍ତି ଯେ, ଥାନାକୁ ଆସୁଥିବା ଅଭିଯୋଗକାରୀଙ୍କୁ ଉଚିତ ସମ୍ମାନ ଦିଆଯିବା ସହ ସେମାନଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରିବା ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ରହିଛି। ମାତ୍ର ଗୋପ ଥାନାରେ ଏହାର ବ୍ୟତିକ୍ରମ ଘଟିଛି। ଥାନାକୁ ଆସୁଥିବା ଅଭିଯୋଗକାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ସହ ଧମକ ଦିଆଯାଉଛି। ଗୋପ ଥାନା ଅନ୍ତର୍ଗତ କେତେକ ଗ୍ରାମରେ ଏକ ଘରୋଇ କମ୍ପାନୀ ଧମକ ଚମକ ଦେଇ ବେଆଇନ ଭାବେ ଜମି ହଡପ କରିଛନ୍ତି। ଜମି ହଡପର ଶୀକାର ହୋଇଥିବା କେତେଜଣ ବରିଷ୍ଠ ନାଗରିକ ଗତ ୮ତାରିଖରେ ଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ। ମାତ୍ର ସମ୍ପୃକ୍ତ ଥାନାର ଅଧିକାରୀ ସେମାନଙ୍କ ଅଭିଯୋଗକୁ ଗ୍ରହଣ କରିବା ପରିବର୍ତ୍ତେ ସେମାନଙ୍କୁ ହଇରାଣ କରିବା ଉଦ୍ଦେଶ୍ୟରେ ୭ଘଣ୍ଟା ଥାନାରେ ଅଯଥା ବସାଇ ରଖିଥିଲେ। ଏହି ଘଟଣାରେ ଏତଲାରୁ ଜଣେ ଅଭିଯୁକ୍ତଙ୍କ ନାମ ହଟାଇବା ଲାଗି ସେ ତାଗିଦ୍ କରିଥିଲେ। ତେଣୁ ସମ୍ପୃକ୍ତ ଥାନା ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଦାଶ ଦାବି କରିଛନ୍ତି। ସେହିପରି ପୁରୀର ଜଣେ ଫଟୋ ଖବରଦାତାଙ୍କୁ ଟ୍ରାଫିକ ପୋଲିସର ମାଡ଼ ଘଟଣା ଏବଂ କାକଟପୁରରେ ଜଣେ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧିଙ୍କୁ ମାଡ ଘଟଣାର ନିରପେକ୍ଷ ତଦନ୍ତ ଲାଗି ମଧ୍ୟ ସେ ଦାବି କରିଛନ୍ତି। ପୋଲିସ ଜନତାର ଶତ୍ରୁ ନୁହଁ, ବନ୍ଧୁ ଭାବେ କାର୍ଯ୍ୟ କରିବା ଲାଗି ପୁରୀ ପୋଲିସକୁ ପରାମର୍ଶ ଦେବାକୁ ସେ ଡିଜିପିଙ୍କୁ ନିବେଦନ ଜଣାଇଛନ୍ତି।


**FORMAT C-1**

**Declaration about criminal cases**

(As per the judgement dated 25th September, 2018, of Hon'ble Supreme Court in WP (Civil) No. 536 of 2011) (Public Interest Foundation & Ors. Vs. Union of India & Anr.)

Name and Address of candidate : **Sambit Patra**
Name of political party : **Bhartiya Janta Party**
(Independent candidates should write "Independent" here)
Name of Election : **Lok Sabha General Election, 2019**
*Name of Constituency : **Puri, Odisha**

I, **Sambit Patra** (Name of candidate), a candidate for the above mentioned election, declare for public information the following details about my criminal antecedents:

| Sl. No. | Pending criminal cases | | | Details about cases of conviction for criminal offences | |
|---|---|---|---|---|---|
| | Name of Court | Case No. and status of case | Section(s) of Acts concerned and brief description of offence(s) | Name of Court & date(s) of order(s) | Description of offence(s) & punishment imposed |
| 1 | Chief Judicial Magistrate, Bhopal | Regular Trial No. 17734/18 Summon issued for appearance Case posted on 13.05.2019 | Under section 188 of I.P.C. (Disobedience to order duly promulgated by public servant) | N.A. | N.A |
| | Note: Proceeding in RT No. 17734/2018 has been stayed by the Hon'ble High Court at Jabalpur vide order dated 20.03.2019 passed in MCRC No. 5629/19 titled as Sambit Patra Vs. State of M.P. | | | | |

*In the case of election to Council of States or election to Legislative Council by MLAs, mention the election concerned in place of name of constituency.

**Sd/- Sambit Patra**